ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୪ ଜାନୁଆରୀ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 14 JANUARY 2023

Vol.No. 34 ■ No. 14 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଆରମ୍ଭ ହେଲା ହକି ମହାକୁମ୍ଭ

ବିଜୟରୁ ଟିମ୍ ଇଣ୍ଡିଆର ହକି ବିଶ୍ୱକପ୍ ଅଭିଯାନ ଆରମ୍ଭ

ଭୁବନେଶ୍ୱର,୧୩/୦୧ (ନି.ପ୍ର): ଆଜିଠୁ ଆରମ୍ଭ ହୋଇଛି ହକି ମହାକୁମ୍ଭର ଅସଲ ଲଢ଼େଇ । ପ୍ରଥମ ଦିନରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଦୁଇଟି ମ୍ୟାଚ୍ ଖେଳାଯାଇଥିବାବେଳେ, ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ଖେଳାଯାଇଛି ଦୁଇଟି ମ୍ୟାଚ । ଅଭୁତପୂର୍ବ ଉତ୍ସାହ । ମୁହଁରେ ତ୍ରିରଙ୍ଗା ଚିତ୍ର, ହାତରେ ହକି ମ୍ୟାଚର ଟିକେଟ୍ । ଓଡ଼ିଶା ମାଟିରେ ବିଶ୍ୱକପର ମ୍ୟାଚ୍ ଦେଖିବା ପାଇଁ ସମୟ ପୂର୍ବରୁ ପହଞ୍ଚିଯାଇଥିଲେ ଫ୍ୟାନ୍ । ଉଭୟ କଳିଙ୍ଗ ଷ୍ଟାଡିୟମ ଏବଂ ବିର୍ସାମୁଣ୍ଡା ଷ୍ଟାଡିୟମରେ ମ୍ୟାଚ୍ ଦେଖିବାକୁ ମିଳିଛି ହକି ସମର୍ଥକଙ୍କ ଉତ୍ସାହ । ହକି ପ୍ରଶଂସକଙ୍କ ଏହି ଉତ୍ସାହ ଭିତରେ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଥିଲା, ୨୦୨୩ ବିଶ୍ୱକପର ପ୍ରଥମ ମ୍ୟାଚ୍ । କଳିଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍ରେ ଆର୍ଜେଣ୍ଟିନାକୁ ଭେଟିଥିଲା ଦକ୍ଷିଣ ଆଫ୍ରିକା । ଦୁଇ ଦଳ ମଧ୍ୟରେ ହୋଇଥିଲା କଡ଼ା ଟକ୍କର । ପ୍ରଥମ ଦୁଇଟି କ୍ୱାର୍ଟରରେ କେହି କାହାରିକୁ ଗୋଲ୍ କରିବାରେ ସଫଳ ହୋଇନଥିଲେ । କିନ୍ତୁ ତୃତୀୟ କ୍ୱାର୍ଟରରେ ଆର୍ଜେଣ୍ଟିନା ପକ୍ଷରୁ ଏକମାତ୍ର ଗୋଲ କରିଲେ ମାଇକୋ କାସେଲ୍ଲା । ଚତୁର୍ଥ କ୍ୱାର୍ଟର ଗୋଲ ଶୂନ୍ୟ ରହିବାରୁ ଦକ୍ଷିଣ ଆଫ୍ରିକାକୁ ୧-୦ ଗୋଲରେ ପରାସ୍ତ କରିଥିଲା ଆର୍ଜେଣ୍ଟିନା । ସେହିପରି ଅପରାହ୍ନ ୩ଟାରେ ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚ୍ରେ ଏକତରଫା ମ୍ୟାଚ୍ ଜିତିନେଇଛି ଅଷ୍ଟ୍ରେଲିଆ । ୮-୦ ଗୋଲରେ ଫ୍ୟାନ୍ସକୁ ପରାସ୍ତ କରିଛି । ୩ଥର ବିଶ୍ୱ ବିଜୟୀ ହୋଇଥିବା ଅଷ୍ଟ୍ରେଲିଆ ଆଗରେ ଫ୍ରାନ୍ସ ଦଳ ମ୍ୟାଚରେ ଅତି ଦୁର୍ବଳ ମନେ ହେଉଥିଲା । ଏପଟେ ବହୁ ଚର୍ଚ୍ଚିତ ବିର୍ସାମୁଣ୍ଡା ଷ୍ଟାଡିୟମର ଉଦଘାଟନୀ ମ୍ୟାଚ୍ ଦେଖିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଭାରତ-ସ୍ପେନ୍ ମ୍ୟାଚ୍ ଦେଖିବା ପାଇଁ ପହଞ୍ଚିଥିଲେ ମୁଖ୍ୟମନ୍ତ୍ରୀ । ରାଉରକେଲାରେ ଆଜି ବିଶ୍ୱକପର ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଛି । ପ୍ରଥମ ମୁକାବିଲାରେ ଇଂଲଣ୍ଡକୁ ୱେଲ୍ସ ଭେଟିଥିବା ବେଳେ ଦ୍ୱିତୀୟ ମ୍ୟାଚରେ ଭାରତ ଓ ସ୍ପେନ ମଧ୍ୟରେ ଲଢ଼େଇ ହୋଇଛି । ଏସବୁ ଭିତରେ ଆସନ୍ତାକାଲି ବିଶ୍ୱକପ ହକିର ୪ଟି ମ୍ୟାଚ୍ ଖେଳାଯିବ । ଦିନ ଗୋଟାଏରେ ପୁଲ-ସିର ନ୍ୟୁଜିଲାଣ୍ଡ ବନାମ ଚିଲି, ▶▶ପୃଷ୍ଠା ୭

ଦୁଇ ଓଡିଆ ହକି ଖେଳାଳିଙ୍କ ପାଇଁ ପୁରସ୍କାର ଘୋଷଣା

ଭୁବନେଶ୍ୱର,୧୩/୦୧ (ନି.ପ୍ର): ରାଜ୍ୟରେ ହକି ଫିଭର ମାହୋଲ ଭିତରେ ବିଶ୍ୱକପ୍ ମ୍ୟାଚ୍ ଆରମ୍ଭ ହୋଇଛି । ଆଜି ଭାରତ ଏହାର ପ୍ରଥମ ମ୍ୟାଚରେ ସନ୍ଧ୍ୟାରେ ସ୍ପେନକୁ ଭେଟିବ । ପ୍ରଥମ ମ୍ୟାଚରେ ଚମତ୍କାର ପ୍ରଦର୍ଶନ କରି ବିଜୟରୁ ଅଭିଯାନ ଆରମ୍ଭ କରିବାକୁ ଚେଷ୍ଟା କରିବ । ଭାରତୀୟ ଦଳରେ ଦୁଇ ଜଣ ଓଡ଼ିଆ ସ୍ଥାନ ପାଇଥିବା ବେଳେ ସେମାନଙ୍କ ପାଇଁ ପୁରସ୍କାର ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଉଭୟ ଅମିତ ରୋହଦାସ ଓ ନିଲମ ସଂଜୀପଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ଘୋଷଣା କରିଛନ୍ତି ।

ଜମ୍ମୁ କଶ୍ମୀର ଗସ୍ତରେ ଗୃହମନ୍ତ୍ରୀ ଅମିତ ଶାହା



ନୂଆଦିଲ୍ଲୀ,୧୩/୦୧ : ଜମ୍ମୁ କଶ୍ମୀରଗସ୍ତରେ ଗୃହମନ୍ତ୍ରୀ ଅମିତ ଶାହା । ରଜୌରୀ ପହଁଚି ଉଚ୍ଚସ୍ତରୀୟ ବୈଠକ କରିଛନ୍ତି ଗୃହମନ୍ତ୍ରୀ । ବୈଠକରେ ଜମ୍ମୁକଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା, ସେନା ଓ ପୁଲିସର ବରିଷ୍ଠ ଅଧିକାରୀ , ତଦନ୍ତକାରୀ ସଂସ୍ଥା , ର ଏବଂ ଆଇବି ଅଧିକାରୀ ଉପସ୍ଥିତ ଥିଲେ । ବୈଠକରେ ବିଶେଷ କରି ଜମ୍ମୁକଶ୍ମୀର ସୁରକ୍ଷା ପ୍ରସଙ୍ଗରେ ଆଲୋଚନା କରାଯାଇଛି । ଏଥିସହ ଯେଉଁଭଳି ଭାବରେ ଆତଙ୍କବାଦୀମାନେ ଏଠାରେ ଗୋଟେ ପରେ ଗୋଟେ ଟାର୍ଗେଟ କିଲିଂ କରୁଛନ୍ତି ଏହା ଉପରେ ସ୍ୱତନ୍ତ୍ର ଆଲୋଚନା କରାଯାଇଛି । ଏଥିସହ ଟାର୍ଗେଟ କିଲିଂର ଶିକାର ହୋଇଥିବା କଶ୍ମୀରପଣ୍ଡିତଙ୍କ ପରିବାକୁ ମଧ୍ୟ ଭେଟିଛନ୍ତି ଅମିତ ଶାହା । କିଛି ଦିନ ନିରବତା ପରେ କଶ୍ମୀର ଘାଟିରେ ପୁଣି ସକ୍ରିୟ ହୋଇ ଉଠିଛନ୍ତି ଆତଙ୍କବାଦୀ । ଲଗାତାର ନୀରିହ ଲୋକଙ୍କ ବିଶେଷ କରି କଶ୍ମୀରପଣ୍ଡିତ ଓ ହିନ୍ଦୁଙ୍କୁ ଟାର୍ଗେଟ କରି ଟାର୍ଗେଟ କିଲିଂ କରୁଛନ୍ତି ଆତଙ୍କବାଦୀ । ଦିନକୁ ଦିନ ସ୍ଥିତି ବିଗୁଡୁଥିବା ବେଳେ ଦିଲ୍ଲୀ ଦରବାରରେ ଘନ ଘନ ବୈଠକ ବସୁଛି । ଗୃହମନ୍ତ୍ରୀଙ୍କ ଜମ୍ମୁକଶ୍ମୀର ଗସ୍ତ ବେଶ ଗୁରୁତ୍ୱ ବହନ କରୁଛି । ଟାର୍ଗେଟ କିଲିଂକୁ କିଭଳି ରୋକାଯିବ । ଏଠାରେ ରହୁଥିବା କଶ୍ମୀରପଣ୍ଡିତ ଓ ହିନ୍ଦୁମାନଙ୍କୁ କିଭଳି ସୁରକ୍ଷା ଦିଆଯିବ ? ସୀମାରେ କିଭଳି ଆତଙ୍କବାଦୀଙ୍କ ଅନୁପ୍ରବେଶକୁ ରୋକାଯିବ ? ଏହା ଉପରେ ଆଜିର ବୈଠକରେ ଚର୍ଚ୍ଚା କରାଯାଇଛି । ସେପଟେ ବାରମ୍ବାର ଆକ୍ରମଣ ଶିକାର ହେଉଥିବା ହିନ୍ଦୁ ପରିବାର ରାସ୍ତାକୁ ଓହ୍ଲାଇ ଜମ୍ମୁକଶ୍ମୀର ସରକାର ଓ କେନ୍ଦ୍ର ସରକାରଙ୍କ ବିରୋଧରେ ମୋର୍ଚ୍ଚା ଖୋଲିଛନ୍ତି । ସୁରକ୍ଷା ଦାବି ପାଇଁ ଧାରଣା ଜାରି ରଖିଛନ୍ତି ।

୧ରେ ବଜେଟ ଉପସ୍ଥାପନ କରିବେ ଅର୍ଥମନ୍ତ୍ରୀ, ୬ ଏପ୍ରିଲ ଯାଏ ଚାଲିବ ଅଧିବେଶନ

ନୂଆଦିଲ୍ଲୀ,୧୩/୦୧ : ଜାନୁଆରୀ ୩୧ରୁ ଆରମ୍ଭ ହେବ ସଂସଦର ବଜେଟ ଅଧିବେଶ । ଏହା ଦୁଇଟି ପର୍ଯ୍ୟାୟରେ ଏପ୍ରିଲ ୬ ଯାଏ ଚାଲିବ । ବଜେଟ ଅଧିବେଶର ଦ୍ୱିତୀୟ ଦିନ ଅର୍ଥାତ ଫେବୃଆରୀ ୧ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୩-୨୪ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିବେ । ବଜେଟ ଅଧିବେଶର ସମୟ ୬୬ ଦିନ ଥିବା ବେଳେ ଏହା ମଧ୍ୟରେ ନିୟମିତ ବ୍ରେକ ସହ ମୋଟ ୨୭ଟି କାର୍ଯ୍ୟ ଦିବସ ରହିଛି । ଏ ସମ୍ପର୍କରେ ଆଜି ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ସୂଚନା ଦେଇଛନ୍ତି । ବଜେଟ ଅଧିବେଶନର ପ୍ରଥମ ଦିନରେ ଲୋକସଭା ଓ ରାଜ୍ୟସଭାର ସମସ୍ତ ସଦସ୍ୟଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସେଣ୍ଟ୍ରାଲ ହଲରେ ସମ୍ବୋଧନ କରିବେ । ଅଗଷ୍ଟ ମାସରେ ଦେଶର ସର୍ବୋଚ୍ଚ ପଦରେ ବସିବା ପରେ ରାଷ୍ଟ୍ରପତି ପ୍ରଥମଥର ମିଳିତ ସଦନକୁ ସମ୍ବୋଧନ କରିବେ । ଜାନୁଆରୀ ୧ରୁ ଆରମ୍ଭ ହେବାକୁ ଥିବା ସଂସଦର ବଜେଟ ଅଧିବେଶ ପ୍ରଥମେ ୧୩ ଫେବୃଆରୀ ଯାଏ ଚାଲିବ । ଏହାପରେ ଫେବୃଆରୀ ୧୪ରୁ ମାର୍ଚ୍ଚ ୧୨ ଯାଏ ବିଭାଗ ସମ୍ପର୍କିତ ସଂସଦୀୟ ଷ୍ଟାଣ୍ଡିଂ କମିଟିର ବିଭିନ୍ନ କାମ ପାଇଁ ନିୟମିତ ବ୍ରେକ ରହିବ । ଏହାପରେ ମାର୍ଚ୍ଚ ୧୩ରୁ ଏପ୍ରିଲ ୬ ଯାଏ ବଜେଟ ଅଧିବେଶର ଦ୍ୱିତୀୟ ପର୍ଯ୍ୟାୟ ଅନୁଷ୍ଠିତ ହେବ । ଅଧିବେଶର ପ୍ରଥମ ଭାଗରେ ଦୁଇ ସଦନରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଗତ ହେବ । ଏଥିସହ ପୂର୍ଣ୍ଣାଙ୍ଗ ବଜେଟ ଉପରେ ଆଲୋଚନା କରାଯିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଆଗତ ହେବାକୁ ଥିବା ଧନ୍ୟବାଦ ପ୍ରସ୍ତାବର ଜବାବ ଦେବେ ।

ଫେବୃଆରୀରେ ଓଡିଶା ଆସିବେ ଖଡଗେ ଓ ପ୍ରିୟଙ୍କା

ଭୁବନେଶ୍ୱର,୧୩/୦୧ (ନି.ପ୍ର): ଫେବୃଆରୀରେ ଓଡିଶା ଆସିବେ ଏଆଇସିସି ଅଧକ୍ଷ ମଲ୍ଲିକାର୍ଜୁନ ଖଡଗେ ଓ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ । ରାଜ୍ୟ କଂଗ୍ରେସ ପକ୍ଷରୁ ଆୟୋଜିତ ହେବାକୁ ଥିବା ହାଥ୍ ସେ ହାଥ୍ ଯୋଡୋ କାର୍ଯ୍ୟକ୍ରମରେ ଯୋଗ ଦେବେ । ଏଆଇସିସି ଅଧକ୍ଷ ମଲ୍ଲିକାର୍ଜୁନ ଖଡଗେ ଓ ଏଆଇସିସି ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀଙ୍କ ଓଡିଶା ଗସ୍ତ ନେଇ ପିସିସି ପକ୍ଷରୁ ସୂଚନା ଦିଆଯାଇଛି । ଦ୍ୱିତୀୟ ପର୍ଯ୍ୟାୟରେ ଚାଲିଥିବା ଓଡିଶା କଂଗ୍ରେସର ଭାରତ ଯୋଡୋ ଯାତ୍ରା ଏବେ ସୁନ୍ଦରଗଡରେ ପହଁଚିଛି । ଆସନ୍ତା ୨୬ତାରିଖଠାରୁ ବୁଥ୍ ସ୍ତରରେ ସଂଗଠନକୁ ମଜଭୁତ କରିବାକୁ ହାଥ୍ ସେ ହାଥ୍ ଯୋଡୋ କାର୍ଯ୍ୟକ୍ରମ ଆରମ୍ଭ କରିବ କଂଗ୍ରେସ । ଏହି କାର୍ଯ୍ୟକ୍ରମରେ ଖଡଗେ ଓ ପ୍ରିୟଙ୍କା ଗାନ୍ଧୀଙ୍କୁ ଆଣି ନିର୍ବାଚନ ପୂର୍ବରୁ ପାୱାର ସୋ କରିବାକୁ ଯୋଜନା କରିଛି ଦଳ ।

ରାଜ୍ୟର ବିଭିନ୍ନ ସ୍ଥାନରେ ଘନ କୁହୁଡ଼ି

ଭୁବନେଶ୍ୱର,୧୩/୦୧ (ନି.ପ୍ର): ରାଜଯର ବିଭିନ୍ନ ସ୍ଥାନରେ ଶୁକ୍ରବାର ସକାଳୁ ଘନ କୁହୁଡ଼ି ଦେଖିବାକୁ ମିଳିଛି । ଏହି କାରଣରୁ ଗାଡି ଚଳାଚଳରେ ସାମାନ୍ୟ ଅସୁବିଧା ହୋଇଥିବା ଦେଖିବାକୁ ମିଳିଛି । ରାସ୍ତାରେ ୨୦ରୁ ୩୦ ମିଟର ଯାଏଁ ଦୂରକୁ ଦେଖିବା କଷ୍ଟକର ହୋଇପଡ଼ିଥିଲା । କଟକ- ଭୁବନେଶ୍ୱରରେ ମଧ୍ୟ ଏଭଳି ସ୍ଥିତି ଉତ୍ପନ୍ନ ହୋଇଛି । ଉଲ୍ଲେଖନୀୟ ଯେ ଶୁକ୍ରବାର ସକାଳ ସୁଦ୍ଧା ଅନୁଗୁଳ, ଢେଙ୍କାନାଳ, କଟକ, କେନ୍ଦୁଝର, ଯାଜପୁର, ଖୋର୍ଧାରେ ଘନ କୁହୁଡ଼ି ସହ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, ମୟୂରଭଞ୍ଜ ଜିଲ୍ଲାର ଅଧିକାଂଶ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମଧରଣର କୁହୁଡ଼ି ଅନୁଭୂତ ହେବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଥିଲା । ଏ ନେଇ ଏସଆରସି କାର୍ଯ୍ୟାଳୟ ପକ୍ଷରୁ ସଂପୃକ୍ତ ଜିଲ୍ଲା ମାନଙ୍କୁ ପତ୍ର ଲେଖା ଯାଇ ସତର୍କତା ଅବଲମ୍ବନ କରିବାକୁ ଆବଶ୍ୟକୀୟ ପଦକ୍ଷେପ ନେବାକୁ କୁହାଯାଇଥିଲା ।

ସମସ୍ତଙ୍କୁ ଛାଡ଼ି ଚାଲିଗଲେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶରଦ ଯାଦବ

ନୂଆଦିଲ୍ଲୀ,୧୩/୦୧ : ଭାରତ ରାଜନୀତି ଇତିହାସର ଆଉ ଜଣେ ହସ୍ତିଙ୍କ ପରଲୋକ ହୋଇଯାଇଛି । ଦିର୍ଘ ୪୦ ବର୍ଷର ସଫଳ ରାଜନେତା ଜେଡିୟୁର ପୂର୍ବତନ ସଭାପତି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶରଦ ଯାଦବଙ୍କ ପରଲୋକ ହୋଇଯାଇଛି । ଶରଦଙ୍କ ବିୟୋଗରେ ବିହାର ସରକାର ଦିନିକିଆ ଶୋକ ଘୋଷଣା କରିଛନ୍ତି । ତାଙ୍କର ମୃତ୍ୟୁକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହା, କଂଗ୍ରେସ ନେତା ରାହୁଲ ଗାନ୍ଧୀ, ବିହାର ମୁଖ୍ୟମନ୍ତ୍ରୀ ନିତୀଶ କୁମାରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛନ୍ତି । ରାହୁଲ ଗାନ୍ଧୀ ଶୁକ୍ରବାର ଶରଦଙ୍କ ଘରକୁ ଯାଇ ଶ୍ରଦ୍ଧାଞ୍ଜଳୀ ଦେବା ସହ ତାଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି । ଥରେ କାରରେ ଯିବା ସମୟରେ ତାଙ୍କର ଶରଦଙ୍କ ଦେଖା ହୋଇଥିଲା, ତାଙ୍କ ଜେଜେମା ଇନ୍ଦିରା ଗାନ୍ଧୀଙ୍କ ସମୟରେ ସେ ବିରୋଧୀ ଦଳ ନେତା ଥିଲେ । ଏହା ସତ୍ତ୍ୱେ ବି ସେମାନେ ପରସ୍ପରକୁ ସ୍ନେହ, ସମ୍ମାନ ଦେଉଥିଲେ ବୋଲି କହିଛନ୍ତି ରାହୁଲ । ଶରଦଙ୍କ ମୃତ୍ୟୁ ହୋଇଥିବା ନେଇ ଶୁକ୍ରବାର ତାଙ୍କ ଝିଅ ପ୍ରଥମେ ଟୁଇଟ୍ କରି ସୂଚନା ଦେଇଥିଲେ । ଗୁରୁଗ୍ରାମର ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ପରେ ତାଙ୍କର ମର ଶରିରକୁ ମଧ୍ୟପ୍ରଦେଶର ପୈତୃକ ଗାଁକୁ ନିଆଯାଇଥିଲା । ସେଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି । ଇନ୍ଦିରା ଗାନ୍ଧୀଙ୍କ ସମୟରେ ଶରଦ ଯାଦବ ମୁଖ୍ୟ ବିରୋଧୀ ଭୂମିକା ନିଭାଉଥିଲେ । ସେ ସମୟରେ ସେ ବିରୋଧୀ ଦଳ ନେତା ମଧ୍ୟ ଥିଲେ । ତାଙ୍କର ବିହାର, ମଧ୍ୟପ୍ରଦେଶ ଏବଂ ଉତରପ୍ରଦେଶ ତିନିଟି ରାଜ୍ୟରେ ଦବଦବା ରହିଥିଲା । ସେ ୭ ଥର ଲୋକସଭା ଏବଂ ତିନି ଥର ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି । ବିହାରର ମାଧେପୁରା ୪ ଥର, ମଧ୍ୟପ୍ରଦେଶର ଜବଲପୁରର ୨ ଥର ଓ ଉତର ପ୍ରଦେଶର ବଦାୟୁଁରୁ ଥରେ ଲୋକସଭାକୁ ନିର୍ବାଚିତ ହୋଇଥିଲେ । କେନ୍ଦ୍ରରେ ଅନେକ ଥର ସେ ମନ୍ତ୍ରୀ ଏବଂ କ୍ୟାବିନେଟ ମନ୍ତ୍ରୀ ପଦବୀରେ ରହିଛନ୍ତି । ୨୦୦୩ ମସିହାରେ ଜେଡିୟୁ ଦଳ ଆରମ୍ଭରୁ ଦଳର ସଭାପତି ଥିବା ଶରଦଙ୍କୁ ୨୦୧୬ରେ ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ ରାଜ୍ୟସଭାରୁ ଅଯୋଗ୍ୟ ଘୋଷିତ ହେବା ସହ ଦଳରୁ ବହିଷ୍କୃତ ହୋଇଥିଲେ । କିନ୍ତୁ ଶରଦ ଭଳି, ଏବେ ଜଣେ ରାଜନେତା ୧୦ ଥର ସଂସଦକୁ ନିର୍ବାଚିତ ହେବା ଏକପ୍ରକାର ଅସମ୍ଭବ କହିଲେ ଭୁଲ ହେବନି ।

୧ କେଜି ୧୨ ଗ୍ରାମ ବ୍ରାଉନ ସୁଗାର ଓ ୭୪୮ କେଜି ଗଞ୍ଜେଇ ନଷ୍ଟ

ଖୋର୍ଦ୍ଧା/ଭୁବନେଶ୍ୱର,୧୩/୦୧ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲାରୁ ଜବତ କରାଯାଇଥିବା ମୋଟ ୧ କେଜି ୧୨ ଗ୍ରାମ ବ୍ରାଉନ ସୁଗାର ଓ ୭୪୮ କେଜି ଗଞ୍ଜେଇକୁ ପୋଡି ନଷ୍ଟ କରିଛି ଏସଟିଏଫ୍ । ଶୁକ୍ରବାର ଏସଟିଏଫ ଏସପି ଭୁବନେଶ୍ୱର, ଖୋର୍ଦ୍ଧା ଡେପୁଟି କଲେକ୍ଟର, ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧିକ୍ଷକ, ଏସଟିଏଫ ଡ଼ିଏସପିଙ୍କ ଦ୍ୱାରା ଗଠିତ ଉଚ୍ଚ ସ୍ତରୀୟ ଡ୍ରଗ ଡ଼ିସପୋଜାଲ କମିଟିର ନିଷ୍ପତିକ୍ରମେ ରାଜ୍ୟ ଫରେନସିକ ସାଇନ୍ସର ଅଧିକାରୀ ଓ ରାଜ୍ୟ ପ୍ରଦୂଷଣ ବୋର୍ଡର ସଭ୍ୟଙ୍କ ଉପସ୍ଥିତିରେ ସମସ୍ତ ନିୟମାବଳୀ ପାଥେୟ କରି ଏସଟିଏଫର ପାଞ୍ଚଟି ମାମଲାରେ ଖୋର୍ଦ୍ଧା ଜିଲ୍ଲାରେ ଜବତ କରାଯାଇଥିବା ମୋଟ ୧ କେଜି ୧୨ ଗ୍ରାମ ବ୍ରାଉନ ସୁଗାର ଓ ୭୪୮ କେଜି ଗଞ୍ଜେଇ କୁ ଖୋର୍ଦ୍ଧା ଉପକଣ୍ଠ ଟାଙ୍ଗିଆପଡ଼ା ସ୍ଥିତ ଏକ ଭାଟିରେ ନଷ୍ଟ କରାଯାଇଛି । ସୂଚନା ଯୋଗ୍ୟ ଏନଡ଼ିପିଏସ କେସ୍‌ରେ ଜବତ ହୋଇଥିବା ନିଶା ଦ୍ରବ୍ୟକୁ ନଷ୍ଟକରିବା ପାଇଁ ପ୍ରକ୍ରିୟା ଜାରିରହିଛି । ତେବେ ଆଜି ସୁଦ୍ଧା ଏସଟିଏଫ ୨୪ କେଜି ୪୬୯ ଗ୍ରାମ ବ୍ରାଉନ ସୁଗାର ଏବଂ ୬୩ କୁଇଂଟାଲ ୪୦ କେଜି ଗଞ୍ଜେଇ ନଷ୍ଟ କରିଥିବା ବେଳେ ଓଡ଼ିଶା ପୋଲିସ ଆଜି ସୁଦ୍ଧା ୨୯ କେଜିରୁ ଉର୍ଦ୍ଧ ବ୍ରାଉନ ସୁଗାର ଏବଂ ୭୮୨ କୁଇଂଟାଲ ରୁ ଉର୍ଦ୍ଧ ଗଞ୍ଜେଇ ନଷ୍ଟ କରିଥିବାର ଜଣାପଡିଛି ।

ବଡ଼ ସଙ୍କଟ ଭିତରେ ଯୋଶୀମଠ

ନୂଆଦିଲ୍ଲୀ,୧୩/୦୧ : କିଛି ଦିନ ହେବ ଉତରାଖଣ୍ଡର ଯୋଶୀମଠ ସହର ଧସିବାରେ ଲାଗିଛି । ୧୫ଦିନ ଭିତରେ ସହରର ରୂପରେଖ ବଦଳିଯାଇଛି । ପାହାଡ ଭାଙ୍ଗୁଛି , ରାସ୍ତାଘାଟ ଦବୁଛି । ଏହି ଭୟ ଭିତରେ ବଡ ଖୁଲ୍ଲାସା କରିଛି ଇସ୍ରୋ । ଯୋଶୀମଠର ସ୍ଥିତିକୁ ଅନୁଧ୍ୟାନ କରି ଇସ୍ରୋ କିଛି ସାଟେଲାଇଟ ଫଟୋ ଜାରି କରିଛି । ପୂରା ସହର ବିପଦପୂର୍ଣ୍ଣ ସ୍ଥିତିରେ ରହିଛି । ୧୨ଦିନରେ ୫.୪ ସେଟିଂମିଟର ଧସିଛି ସହର । ୬ମାସରେ ୯ ସେଟିଂମିଟର ଧସିଛି ଯୋଶୀମଠ । ୨୦୨୨ ଏପ୍ରିଲରୁ ନଭେମ୍ବର ଯାଏଁ ଲଗାତାର ଦ୍ରୁତ ଗତିରେ ଦବୁଛି ସହର । ସହର ଯେବେ ଦବିବା ଆରମ୍ଭ କରିଛି ସେବେଠୁ ବଡ ସଙ୍କଟ ଭିତରେ ପଡିଛି । ଘରଠୁ ନେଇ ରାସ୍ତାଘାଟ ସବୁଠି ଦେଖିବାକୁ ମିଳୁଛି ବଡ ଆକାରର ଫାଟ । ଗୋଟେ ପଟେ ପାହାଡ ଭାଙ୍ଗୁଛି ଅନ୍ୟପଟେ ସହର ଧସୁଛି । ସହର ଧସିବା ଯୋଗୁଁ କେବଳ ସାଧାରଣ ଜନବସତି ଇଲାକାରେ ଏହାର ବଡ ପ୍ରଭାବ ପଡିନି ବରଂ ଆର୍ମି ବେସରେ ମଧ୍ୟ ଫାଟ ଦେଖିବାକୁ ମିଳିଛି । ସେନା ଶିବିରକୁ ଗୁରୁବାର ସ୍ଥାନାନ୍ତର କରାଯାଇଛି ।ଏହା ଭିତରେ ସାମ୍ନାକୁ ଆସିଥିବା ଇସ୍ରୋର ସାଟେଲାଇଟ ଫଟୋ ଅନେକ ପ୍ରଶ୍ନ ଛିଡା କରିଛି ।

'ଭଏସ୍ ଅଫ୍ ଗ୍ଲୋବାଲ ସାଉଥ ସମ୍ମିଟ'ରେ କେନ୍ଦ୍ରମନ୍ତ୍ରୀଙ୍କ ଉଦ୍‌ବୋଧନ

ନୂଆଦିଲ୍ଲୀ/ଭୁବନେଶ୍ୱର,୧୩/୦୧ (ନି.ପ୍ର): ୨୦୨୫ ସୁଦ୍ଧା ଭାରତର ୫୦ ପ୍ରତିଶତ ଯୁବବର୍ଗଙ୍କୁ ଧନ୍ଦାମୂଳକ ଶିକ୍ଷାରେ ସଶକ୍ତ କରାଯିବାର ଲକ୍ଷ୍ୟ ରଖାଯାଇଛି ଏବଂ ସ୍କୁଲ, ଦକ୍ଷତା ଓ ଉଚ୍ଚ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ନ୍ୟାସନାଲ କ୍ରେଡିଟ୍ ଫ୍ରେମୱାର୍କ(ଏନସିଏଫ୍) ବିକଶିତ କରାଯାଇଛି ବୋଲି ଶୁକ୍ରବା

ମାଲକାନଗିରି ବନଖଣ୍ଡରେ ପକ୍ଷୀ ଗଣନା: ୩୨ ପ୍ରଜାତିର ବିଦେଶାଗତ ପକ୍ଷୀ ଚିହ୍ନଟ

ମାଲକାନଗିରି, ୧୩/୦୧ (ନି.ପ୍ର): ପ୍ରତି ବର୍ଷ ଜାନୁଆରୀ ପ୍ରଥମ ସପ୍ତାହରେ ବନ ବିଭାଗ ତରଫରୁ ଜଳଚର ପକ୍ଷୀ ଗଣନା କରାଯାଇଥାଏ । ସେହିପରି ଚଳିତ ବର୍ଷ ମାଲକାନଗିରି ବନଖଣ୍ଡରେ ପକ୍ଷୀ ଗଣନା କାର୍ଯ୍ୟ ସମାପ୍ତ ହୋଇଯାଇଛି । ଚଳିତ ଜାନୁଆରୀ ମାସରେ ୯ ଗୋଟି ସ୍ଥାନରେ ୧୦ ଗୋଟି ବନ କର୍ମଚାରୀ ଦଳକୁ ନେଇ ପକ୍ଷୀ ଗଣନା କାର୍ଯ୍ୟ ସଂପନ୍ନ ହୋଇଯାଇଛି । ପ୍ରାପ୍ତ ସୂଚନା ଅନୁସାରେ ମାଲକାନଗିରି ବନଖଣ୍ଡରେ ମୋଟ ୧୪,୨୩୦ ପକ୍ଷୀ ଗଣନା କରାଯାଇଥିଲା ବେଳେ ୪୪ ପ୍ରଜାତିର ପକ୍ଷୀ ଦେଖିବାକୁ ମିଳିଛି । ସେଥିମଧ୍ୟରୁ ୩୨ ପ୍ରଜାତିର ପକ୍ଷୀ ବିଦେଶାଗତ ବୋଲି ଚିହ୍ନଟ ଯାଇଛି । ମାଲକାନଗିରି ବନାଂଚଳର ସତୀଗୁଡା ବନ୍ଧ, ମାଥିଲି ବନାଞ୍ଚଳର ଶିବସାଗର ଏବଂ ବାଲିମେଳା ମାଟି ବନ୍ଧରେ ସର୍ବାଧିକ ବିଦେଶାଗତ ପକ୍ଷୀ ଦୃଷ୍ଟିଗୋଚର ହୋଇଯାଇଛି । ଏମାନଙ୍କ ସୁରକ୍ଷା ଲାଗି ବନ ବିଭାଗ ଅଧିକ ସତର୍କତା ଅବଲମ୍ବନ କରିଛି । ପକ୍ଷୀ ଗଣନା ପାଇଁ ଜାନୁଆରୀ ୨ ତାରିଖରୁ ପ୍ରସ୍ତୁତି ଚାଲିଥିବା ବେଳେ କ୍ଷେତ୍ର କର୍ମଚାରୀମାନଙ୍କୁ ବନପ୍ରାଣୀ ବିଶେଷଜ୍ଞ ଡଃ. ନିମାଇଁ ଚରଣ ପଲାଇ ଏବଂ ଶ୍ରୀଭକ୍ତ ପଦାରବିନ୍ଦ ତାମିଲ ପ୍ରଦାନ କରିଥିଲେ । ପକ୍ଷୀ ଗଣନାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ନିମନ୍ତେ ମାଲକାନଗିରି ବନଖଣ୍ଡ ଅଧିକାରୀ ପ୍ରତାପ କୋଚ୍ଛାପଲ୍ଲୀ ଏବଂ ସହକାରୀ ବନ ସଂରକ୍ଷକ କନ୍ଦନ ସିଂ ପରାମର୍ଶ ପ୍ରଦାନ କରିଥିଲେ । ଏହି ଗଣନାରେ ମାଲକାନଗିରି ବନଖଣ୍ଡରେ ଥିବା ସମସ୍ତ ବନାଚଂଳ ଅଧିକାରୀ, ବନପାଳ ବନରକ୍ଷୀମାନେ ସୁଚାରୁରୂପେ ଦାୟିତ୍ୱ ନିର୍ବାହ କରିଥିଲେ । ପ୍ରକାଶ ଥାଉକି, ଗତ ବର୍ଷ ଅର୍ଥାତ୍ ୨୦୨୨ ମସିହାରେ ମାଲକାନଗିରି ବନଖଣ୍ଡରେ ୧୦ , ୧୦୪ ପକ୍ଷୀ ଗଣନା କରାଯାଇଥିଲା । ଏବଂ ୪୩ ପ୍ରଜାତିର ପକ୍ଷୀ ଦେଖିବାକୁ ମିଳିଥିଲା ।

ଭିନ୍ନକ୍ଷମ ଅଧିକାର ସମ୍ବନ୍ଧୀୟ ସଚେତନତା କର୍ମଶାଳା

କେନ୍ଦ୍ରାପଡ଼ା, ୧୩/୦୧ (ନି.ପ୍ର): କେନ୍ଦ୍ରାପଡାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପୁନର୍ବାସ ଓ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ତଥା ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ମିଳିତ ଭାବେ ଭିନ୍ନକ୍ଷମଙ୍କର ଅଧିକାର ଅଧିନିୟମ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୁନର୍ବାସର ମୁଖ୍ୟ ଉପଦେଷ୍ଟା ଡ଼ଃ ବିରଜା ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାତ ଚନ୍ଦ୍ର ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅଧିନିୟମ ୨୦୧୬ ସମ୍ବନ୍ଧରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଏହା ସହ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ବିଭାଗ ଯେଉଁ ୫ଟି ଲକ୍ଷ୍ୟ ଉପରେ କାର୍ଯ୍ୟ କରୁଛି ସେ ସମ୍ବନ୍ଧରେ ତଥ୍ୟ ପ୍ରଦାନ କରିଥିଲେ । ପୁନର୍ବାସର ସଂଯୋଜକ ସଂଜୀବ କୁମାର ଜେନା ଓ ଅକୁପେଶନାଲ ଥେରାପିଷ୍ଟ ଶୁଭଶ୍ରୀ ଜେନା ବିଷୟ ଅଭିଜ୍ଞ ଭାବେ ଯୋଗ ଦେଇ ୨୧ ପ୍ରକାର ଭିନ୍ନକ୍ଷମଙ୍କ ଚିହ୍ନଟ ଓ ସେମାନଙ୍କ ଅଧିକାର ସୁବିଧା ଓ ସୁରକ୍ଷା ସମ୍ବନ୍ଧରେ ଆଲୋଚନା କରିଥିଲେ । ଏଭଳି କାର୍ଯ୍ୟକ୍ରମ ପ୍ରତି ବ୍ଲକରେ କରାଯିବାକୁ ନିଷ୍ପତି ନିଆଯାଇଛି । କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ବ୍ଲକ ସମ୍ବଳ ଶିକ୍ଷକ ମାନେ ଯୋଗ ଦେଇଥିବା ବେଳେ ବଂଶୀଧର ମହାନ୍ତି, ରଞ୍ଜନ କୁମାର ସ୍ୱାଇଁ, ଧନଞ୍ଜୟ ସାହୁ, ଜ୍ୟୋତି ରଞ୍ଜନ ନାୟକ, ମିହିର ରଞ୍ଜନ ବାରିକ ଓ ଧରଣୀଧର ସେଠୀ ପ୍ରମୁଖ ସହଯୋଗ କରିଥିଲେ । ନିମାଇଁ ଚରଣ ମାନସିକ ନ୍ୟୁନତା ସଂସ୍ଥାନର ଅଧ୍ୟକ୍ଷ ସ୍ୱପ୍ନାଂଶୁ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

ଦୁଇ ଦିନିଆ କାଇଟ୍ ଫେଷ୍ଟିଭାଲ ପ୍ରସ୍ତୁତି

ସମ୍ବଲପୁର, ୧୩/୦୧ (ନି.ପ୍ର): ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ଭବ୍ୟତା ଓ ବିବିଧତାର ସହିତ ଆୟୋଜନ ହେବାକୁ ଯାଉଛି କାଇଟ୍ ଫେଷ୍ଟିଭାଲ୍ - ୨୦୨୩ । ଜାତି, ଧର୍ମ, ବର୍ଣ୍ଣ, ଭାଷା ଓ ପ୍ରାନ୍ତୀୟ ବିଚାରଧାରାରୁ ଉର୍ଦ୍ଧ୍ୱକୁ ଉଠି ସମସ୍ତେ ଏହି ଉତ୍ସବରେ ସାମିଲ ହେବାକୁ ଆହ୍ୱାନ ଦେଇଛି କାଇଟ୍ ଫେଷ୍ଟିଭାଲ୍ ଆୟୋଜକ ସମ୍ବଲପୁର ୟୁଥ୍ । ସ୍ଥାନୀୟ ତ୍ରିବେଣୀ ହୋଟେଲ ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସମ୍ବଲପୁର ୟୁଥ୍ ର କାର୍ଯ୍ୟକର୍ତାଗଣଙ୍କ ଉପସ୍ଥିତରେ ସଂଗଠନର ସଭାପତି ରିକନ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି ।

ସେ କହିଛନ୍ତି ଯେ, ଚଳିତ ବର୍ଷ ଜାନୁଆରୀ ୧୪ ଓ ୧୫ ଦୁଇଦିନ ଧରି କାଇଟ୍ ଫେଷ୍ଟିଭାଲ୍ ସ୍ଥାନୀୟ ଫୋର-ସି ଗ୍ରାଉଣ୍ଡ ଠାରେ ଆୟୋଜିତ ହେବ । ମକର ସଂକ୍ରାନ୍ତି କେବଳ ଓଡ଼ିଆ କିମ୍ବା କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ଅଂଚଳର ପର୍ବ ନୁହେଁ । ଭାରତ ବର୍ଷର ବିଭିନ୍ନ ପ୍ରାନ୍ତରେ ଏହି ଦିନଟିକୁ ଭନ୍ନ ଭିନ୍ନ ନାମରେ ଓ ଭିନ୍ନ ଭିନ୍ନ ଢଙ୍ଗରେ ପାଳନ କରାଯାଇ ଆସୁଛି । ତେବେ ଚଳିତ ବର୍ଷ ବିଭିନ୍ନ ଭାଷାଭାଷୀ, ସଂସ୍କୃତି, ପରମ୍ପରା ଓ ବିଚାରଧାରାର ସଂଗଠନ ଓ ବ୍ୟକ୍ତି ବିଶେଷଙ୍କୁ ନେଇ ଆୟୋଜିତ ହେବାକୁ ଯାଉଛି କାଇଟ୍ ଫେଷ୍ଟିଭାଲ୍ ୨୦୨୩ । ଏହି ଅବସରରେ ଚଳିତ ବର୍ଷ ବିଭିନ୍ନ ପ୍ରକାରର ପ୍ରତିଯୋଗିତା, ନୃତ୍ୟ ସଙ୍ଗୀତ ସହ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ସାମିଲ କରାଯାଇଛି । ସମସ୍ତ ପ୍ରତିଯୋଗିତା ଗୁଡିକୁ ଜୁନିୟର, ସିନିୟର ବିଭାଗ ସହ ଗ୍ରୁପ ନୃତ୍ୟ ପ୍ରତିଯୋଗିତା, କାଇଟ୍ କ୍ରାଫ୍ଟ ପ୍ରତିଯୋଗିତା, ରଙ୍ଗୋଲି ପ୍ରତିଯୋଗିତା, ସେଲ୍ଫି ପ୍ରତିଯୋଗିତା ମଧ୍ୟ ହେବ । ଚଳିତ ବର୍ଷର ମୁଖ୍ୟ ଆକର୍ଷଣ ହେଉଛି ''ଡାନ୍ସ ବେଟେଲ୍'' ଓ ''ଫେସନ ସୋ'' କାର୍ଯ୍ୟକ୍ରମ । ଏଥିସହ ଜିଲ୍ଲାରେ ୨୦୨୨ ଏଚ୍‌ଏସ୍ ସି , ସିବିଏସଇ ଓ ଆଇସିଏସଇ ପରୀକ୍ଷାରେ ଶୀର୍ଷ ସ୍ଥାନ ଅଧିକାର କରିଥିବା କୃତି ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯିବ । ଶିକ୍ଷା ଓ ସ୍ୱଚ୍ଛତା ସେବାରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତି ଓ ସଂଗଠନ ଗୁଡିକୁ ମଧ୍ୟ ସମ୍ମାନିତ କରାଯିବ ବୋଲି ସଙ୍ଗଠନ ପକ୍ଷରୁ ଘୋଷଣା କରାଯାଇଛି । ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା ଓ ବିଚିତ୍ରା କାର୍ଯ୍ୟକ୍ରମ ମାନଙ୍କରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଭାଗ ନେବେ । ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ସମ୍ବଲପୁର ୟୁଥ୍ ର ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବହ୍ନି ସ୍ୱାଗତ ଭାଷଣ, ପରିଚୟ ର୍ପ୍ପ ସମ୍ପାଦନ କରି କାଇଟ୍ ଫେଷ୍ଟିଭାଲ୍ ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ । ସାଂସ୍କୃତିକ ସଂଯୋଜକ ମାଷ୍ଟର ପ୍ରେମ କାଇଟ୍ ଫେଷ୍ଟିଭାଲ୍ ରେ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ । ଶେଷରେ ଅଭ୍ୟର୍ଥନା ସଂଯୋଜକ ସ୍ୱାଗତ ଘଡେଇ ଧନ୍ୟବାଦ ଅର୍ପଣ କରିଥିଲେ ।

ଅମିତ୍ ମେମୋରିଆଲ ଆନ୍ତଃ ରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଂଟ ଉଦଘାଟିତ

ମାଲକାନଗିରି, ୧୩/୦୧ (ନି.ପ୍ର): କାଲିମେଳା ମିନି ଷ୍ଟାଡିୟମରେ ଅମିତ୍ ମେମୋରିଆଲ ଆନ୍ତଃ ରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଂଟ ଆଜି ଉଦଘାଟିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସମିତି ଅଧ୍ୟକ୍ଷ ମାଲା ମାଡି ଯୋଗଦେଇ ରିବନ କାଟି ଖେଳର ଶୁଭାରମ୍ଭ କରିଥିଲେ । ଅନ୍ୟତମ ଅତିଥିମାନଙ୍କ ମଧ୍ୟରେ କାଲିମେଳା ସରପଂଚ ପୃଥ୍ୱୀରାଜ ମାଝୀ, କାମସେନ ପ୍ରଧାନ, ବିନୋଦ କୁମାର ସାହୁ, ସୈଳେନ୍ଦ୍ର ଦାସ, ବି.ଚନ୍ଦ୍ରଶେଖର, ବିକାଶ ମଲ୍ଲିକ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ । ସମସ୍ତ ଅତିଥି ଖେଳାଳିଙ୍କୁ କରମର୍ଦ୍ଦନ କରିବା ସହିତ ଉତ୍ସାହିତ କରିଥିଲେ । ପ୍ରଥମ ଦିନରେ କାଲିମେଳା ଭୈରବୀ ଯୁବକ ସଂଘ ସହ ଛତିଶଗଡ଼ର ରାଜ୍ୟର ଦରନାପାଲ ଟିମ୍ ମଧ୍ୟରେ ପ୍ରତିଯୋଗୀତା ହୋଇଥିବା ବେଳେ ଭୈରବୀ ଯୁବକ ସଂଘ ଟିମ୍ ପ୍ରଥମେ ବ୍ୟାଟିଂ କରିଥିଲେ । ତେବେ ଦରନାପାଲ ଟିମ୍ ୧୮ ଓଭର ୨ ବଲରେ ୧୨୨ ରନ୍ କରି ଅଲ୍ ଆଉଟ୍ ହୋଇଥିଲେ । କାଲିମେଳା ଭୈରବୀ ଯୁବକ ସଂଘ ଟିମ୍ ୭ ୱିକେଟ ହରାଇ ୧୬୩ ରନ୍ କରି ବିଜୟୀ ହୋଇଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ଟି ଟିମ୍‌କୁ ସାମିଲ କରାଯାଇଛି । ଫାଇନାଲରେ ବିଜେତା ଦଳକୁ ୩୩, ୩୩୩ ଟଙ୍କା ଏବଂ ଉପ ବିଜେତା ଦଳକୁ ୨୨, ୨୨୨ ଟଙ୍କା ପୁରସ୍କାର ଘୋଷଣା କରାଯାଇଛି । ସନ୍ତୋଷ ପ୍ରଧାନ ଓ ସୂରଜ ନାୟକ ଅମ୍ପେଆର, ପରିତୋଷ ମଣ୍ଡଳ ଥାଡ଼ ଅମ୍ପେଆର ଦାୟିତ୍ୱ ତୁଲାଇଛନ୍ତି । କାଲିମେଳା ହାଟପଦା ସାହିରେ ରହୁଥିବା ଯୁବକ ଅମିତୋଷ କର୍ମକାର (ଅମିତ୍)ଙ୍କ ୨୩ ଦିନ ତଳେ ଅକାଳ ମୃତ୍ୟୁ ଘଟିଥିଲା । ସ୍ଥାନୀୟ ଅଂଚଳରେ ସେ କ୍ରିକେଟ ଖେଳାଳି ଭାବେ ଜଣାଶୁଣା । ତାଙ୍କରି ସ୍ମୃତିରେ ତାଙ୍କ ସାଙ୍ଗସାଥୀମାନେ ଏହି କ୍ରିକେଟ ଟୁର୍ଣ୍ଣାମେଂଟର ଆୟୋଜନ କରିଥିବା ଜଣାପଡିଛି । ଶିବାନନ୍ଦ ଲେଙ୍କା, କୃଷ୍ଣ ଚନ୍ଦ୍ର ଗୌଡ, ଗୌତମ ମଣ୍ଡଳ, ମନୋଜ ରାୟ, ରଜତ ଗୋପ, ସୁନିଲ୍ ମଣ୍ଡଳ, ବିପୁଳ କର୍ମକାର, ବିଷ୍ଣୁ ବୈଦ୍ୟ, ସଞ୍ଜୟ ସରକାର ଓ ଅନ୍ୟମାନେ ଏହି ଟୁର୍ଣ୍ଣାମେଂଟର ପରିଚାଳନା କରୁଥିବା ବେଳେ ଆସନ୍ତା ଗଣତନ୍ତ୍ର ଦିବସରେ ଫାଇନାଲ ଖେଳ ହେବ ବୋଲି ଜଣାପଡିଛି ।

ସ୍ୱାଭିମାନ ଅଂଚଳ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷଣ ଶିବିର

ମାଲକାନଗିରି, ୧୩/୦୧ (ନି.ପ୍ର): ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଂଚଳ ବଡ଼ପଦର ଗ୍ରାମପଂଚାୟତର ପୁନଃବସତି କଲୋନୀ ୧୨ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ବଡ଼ପଦର, ବଡପଡା, ରାଲେଗାଡ଼ା, ପାପର ମେଟଲା, ଯୋଡାମ୍ବ, ପଣସପୁଟ ଓ ଅଣ୍ଡରା ପାଲ୍ଲୀ ଗ୍ରାମପଂଚାୟତର ୫୫ ଜଣ ଛାତ୍ର ଛାତ୍ରୀଙ୍କ ଚକ୍ଷୁ ପରୀକ୍ଷଣ ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷାଧିକାରୀ ସୁଶ୍ରୀ ଗାୟତ୍ରୀ ଦେବୀ ଉପସ୍ଥିତ ରହିଥିବା ବେଳେ, କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ ସହକାରୀ ବ୍ଲକ ଶିକ୍ଷାଧିକାରୀ ଅଞ୍ଜନ ଚୌଧୁରୀ । ବ୍ଲକ ସାଧନା ସଂଯୋଜକ କାର୍ତିକେଶ୍ୱର ମହନ୍ତ, ସିଆରସିସି ନୀଳାଦ୍ରି କୁମାର ରାଉତ ସାମନ୍ତ, ଶିବପ୍ରସାଦ ସରକାର, ହରିଶ୍ଚନ୍ଦ୍ର ଗୌଡ଼ ପ୍ରମୁଖ ଶିବିର ଆୟୋଜନରେ ସହଯୋଗ କରିଥିଲେ । ରେଜିଷ୍ଟ୍ରେସନ ଦାୟିତ୍ୱରେ ଖଗପତି ହନ୍ତାଳ, ଜ୍ୟୋତି ରଞ୍ଜନ ଆଚାରୀ ରହିଥିଲେ ।

ଜ.ଇ.ଲୁ.ମ ଅଧିନରେ ଥିବା ଜମି ବିକ୍ରିକୁ ନେଇ ସାମ୍ବାଦିକ ସମ୍ମିଳନୀ

ଜୟପୁର, ୧୩/୦୧ (ନି.ପ୍ର): ଜୟପୁର ସ୍ଥିତ ସ୍ଥାନୀୟ ମାଉଂଟ ଭ୍ୟାଲି ହୋଟେଲ ଠାରେ ଜୟପୁର ଜ. ଇ. ଲୁ .ମ.ମଣ୍ଡଳୀ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା । ଏହି ସାମ୍ବାଦିକ ସମ୍ମିଳନୀରେ ଜୟପୁର ଜ.ଇ.ଲୁ.ମ. ମଣ୍ଡଳୀର କୋଷାଧ୍ୟକ୍ଷ ଜସବୀର୍ ପାଉଲଙ୍କ ସହ ବିଭିନ୍ନ ଚର୍ଚ୍ଚର ଡିନ୍, ସିନୋଟ୍ ସଦସ୍ୟ ଏବଂ ଚର୍ଚ୍ଚ କାଉନସିଲ୍ ର ସଦସ୍ୟ ମାନେ ଉପସ୍ଥିତ ରହିଥିଲେ । ଗତ ଜୁଲାଇ ମାସ ୨୮/୭/୨୦୨୨ ତାରିଖରେ ଗୁଣୁପୁର ସ୍ଥିତ ସ୍ଥାନୀୟ ପ୍ରଧାନ ମଣ୍ଡଳୀର ଜମିକୁ ବର୍ତ୍ତମାନ ଜ. ଇ. ଲୁ. ମ. ର ସମ୍ପାଦକ ଶ୍ରୀ ପ୍ରଫୁଲ୍ଲ କୁମାର ଭତ୍ରା ବିକ୍ରି କରିଥିବା କହିଛନ୍ତି କୋଷାଧ୍ୟକ୍ଷ ଯସବୀର୍ ପାଉଲ । ଗୁଣୁପୁର ସ୍ଥିତ ପ୍ରଧାନ ମଣ୍ଡଳୀ ଅଧିନରେ ଥିବା ୧୭ ଏକର ଜମିକୁ ଗୁଣୁପୁରର ସ୍ଥାନୀୟ ବାସିନ୍ଦା ସୁମିତା କୁମାରୀ ପାଣିଗ୍ରାହୀଙ୍କୁ ବିକ୍ରି କରିଥିବା ବିକ୍ରୟ ଦଲିଲ୍ ସାମ୍ବାଦିକ ସମ୍ମିଳନୀରେ ଦେଖାଇଥିଲେ କୋଷାଧ୍ୟକ୍ଷ ଶ୍ରୀ ପାଉଲ ।୨୦୧୭ ମସିହାରେ ଜ.ଇ.ଲୁ.ମ. ମଣ୍ଡଳୀର କୌଣସି ଜମିକୁ ବିକ୍ରୀ କରିପାରିବେ ନାହିଁ ବୋଲି ସିନୋଟ୍ ଠାରେ ନିଷ୍ପତି ହୋଇଥିବା କହିଥିଲେ ଶ୍ରୀ ପାଉଲ । ସିନୋଟ୍ ଠାରେ ୧୪୯ ସଦସ୍ୟ ରହିଥିବା ବେଳେ ୧୮ ରୁ ଉର୍ଦ୍ଧ୍ୱ ଡିନ୍ ମଧ୍ୟ ଜ.ଇ. ଲୁ. ମ. ମଣ୍ଡଳୀରେ କାର୍ଯ୍ୟ କରୁଥିବା ସୂଚନା ଦେଇଥିଲେ କୋଷାଧ୍ୟକ୍ଷ । ଲୁକ୍କାୟିତ ଭାବେ ମଣ୍ଡଳୀର ଭୂ-ସମ୍ପତିକୁ ବିକ୍ରି କରି ନିଜେ ଲାଭବାନ ହେବାକୁ ଚେଷ୍ଟା କରୁଛନ୍ତି ବୋଲି ମଧ୍ୟ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଥିଲା । କୋରାପୁଟ ଜିଲ୍ଲା ସମେତ ନବରଙ୍ଗପୁର, ମାଲକାନଗିରି, ରାୟଗଡ଼ା ଜିଲ୍ଲାର ଜିଲ୍ଲାପାଳ ମାନଙ୍କୁ ମଧ୍ୟ ସମସ୍ତ ବିଷୟ ଜଣାଇଥିବା କହିଥିଲେ ଶ୍ରୀ ଯସବୀର୍ ପାଉଲ । ଆଗାମୀ ଦିନରେ କଳାହାଣ୍ଡି ଜିଲ୍ଲା ପ୍ରଧାନ ମଣ୍ଡଳୀ ଅଧିନରେ ଥିବା ଜମି ଏବଂ ସେମିଳିଗୁଡାର କିଛି ଜମିକୁ ମଧ୍ୟ ବିକ୍ରୀ କରିବା ପାଇଁ ଷଡ଼ଯନ୍ତ୍ର ଚାଲିଥିବା ମଧ୍ୟ ଗଣମାଧ୍ୟମ ଆଗରେ କହିଛନ୍ତି କୋଷାଧ୍ୟକ୍ଷ ଯସବୀର୍ ପାଉଲ । ଏହି ଜ .ଇ.ଲୁ.ମ. ମଣ୍ଡଳୀ ଅଧିନରେ ଥିବା ଜମିକୁ ବେଆଇନ ଭାବେ ବିକ୍ରୀକୁ ନେଇ ଅର୍ଥନୈତିକ ଅପରାଧ ଶାଖା (ଓଡିଶା)ରେ ଏକ ମାମଲା ଗତ ଡିସେମ୍ବର ମାସରେ ଦେଇଥିବା ସୂଚନା ଦେଇଥିଲେ କୋଷାଧ୍ୟକ୍ଷ । ଏହା ସହ ପ୍ରଶାସନକୁ ମଧ୍ୟ ନିବେଦନ କରିଛନ୍ତି ଯେ, ଏଥିପ୍ରତି ଦୃଷ୍ଟି ଦେବାକୁ ଏବଂ ଉପଯୁକ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ । ବିକ୍ରୀ ହୋଇଥିବା ଜମିର ଟଙ୍କା ଆଜି ଯାଏଁ ଜ. ଇ. ଲୁ. ମ. ସେଣ୍ଟ୍ରାଲ କାର୍ଯ୍ୟାଳୟ ଠାରେ ଜମା ହୋଇ ନ ଥିବା ମଧ୍ୟ କହିଛନ୍ତି କୋଷାଧ୍ୟକ୍ଷ ଶ୍ରୀ ପାଉଲ ଏବଂ ଅନ୍ୟମାନେ । ସେପଟେ ବିକ୍ରୟ ଦଲିଲ୍ ରେ ଜୟପୁର ବିଶୋପ ଶ୍ରୀ ବିଧାନ ନାୟକ ଦସ୍ତଖତ କରି ନ ଥିବା ମଧ୍ୟ ନିଜେ ବିଶୋପ କହିଛନ୍ତି ବୋଲି ଅଭିଯୋଗ ଆଣିଛନ୍ତି କୋଷାଧ୍ୟକ୍ଷ ଶ୍ରୀ ଯସବୀର୍ ପାଉଲ । ଜ. ଇ.ଲୁ.ମ. ମଣ୍ଡଳୀର ସୁରକ୍ଷା ସହିତ ଏହାର ଅଧିନରେ ଥିବା ସମସ୍ତ ଜମିକୁ ସୁରକ୍ଷା ଦେବା ଆମର ପ୍ରଥମ ପ୍ରାଥମିକତା ବୋଲି ମଧ୍ୟ ଏହି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଥିଲା । ଏବଂ ପ୍ରଶାସନ ମଧ୍ୟ ଏହାର ନ୍ୟାୟ ବିଚାର କରିବାକୁ ଗଣମାଧ୍ୟମ ଆଗରେ ଅନୁରୋଧ କରିଛନ୍ତି । ବେଆଇନ ଭାବେ ଜମି ବିକ୍ରୀ କରିଥିବା ଟଙ୍କା ଫେରସ୍ତ ସହିତ ନିଜ ପଦ ପଦବୀରୁ ଇସ୍ତଫା ଦେବାକୁ ମଧ୍ୟ କହିଛନ୍ତି କୋଷାଧ୍ୟକ୍ଷ ଶ୍ରୀ ଯସବୀର୍ ପାଉଲ ଏବଂ ଅନ୍ୟମାନେ । ନଚେତ୍ ଜ. ଇ. ଲୁ.ମ. ମଣ୍ଡଳୀ ଉଚିତ୍ ପଦକ୍ଷେପ ନେବ ବୋଲି କୋଷାଧ୍ୟକ୍ଷ ଏବଂ ଅନ୍ୟାନ୍ୟ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

ବଲାଙ୍ଗିର ଜିଲ୍ଲା ଗାୟତ୍ରୀ ପରିବାର ପକ୍ଷରୁ ରକ୍ତଦାନ ଶିବିର

ବଲାଙ୍ଗିର, ୧୩/୦୧ (ନି.ପ୍ର): ବିବେକାନନ୍ଦ ଜୟନ୍ତୀ ଉପଲକ୍ଷେ ଆଜି ପୂର୍ବାହ୍ନ ୧୦ଟା ସମୟରେ ବଲାଙ୍ଗିର ଜିଲ୍ଲା ଗାୟତ୍ରୀ ପରିବାର ପକ୍ଷରୁ ବଲାଙ୍ଗିର ଭୀମଭୋଇ ମେଡିକାଲ୍ କଲେଜ ହସ୍ପିଟାଲ ରକ୍ତ ଭଣ୍ଡାର ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଆରମ୍ଭରେ ବ୍ଲଡ୍ ବ୍ୟାଙ୍କ୍ ବାହାରେ ଜିଲ୍ଲା ସଂଯୋଜକ ଉଦୟନାଥ ପାତ୍ରଙ୍କ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ମେଡିକାଲ ଅଧିକାରୀ ଡାକ୍ତର ଜଗନ୍ନାଥ ପଣ୍ଡା, ବଲାଙ୍ଗିର ରକ୍ତ ଭଣ୍ଡାର ମୁଖ୍ୟ ଡାକ୍ତର ଅର୍ପିତା ପାଣ୍ଡିଆଙ୍କୁ ତିଳକ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । ସ୍ୱାମୀ ବିବେକାନନ୍ଦ, ପଣ୍ଡିତ ଶ୍ରୀରାମ ଶର୍ମା, ଗାୟତ୍ରୀ ମାତାଙ୍କୁ ସ୍ମରଣ ପୂର୍ବକ ନାରିକେଳ ଫଟୋ ଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଗାୟତ୍ରୀ ପରିବାରର ଭାଇ ଭଉଣୀ ମାନେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ରକ୍ତଦାନ କରିଥିଲେ ।

ରକ୍ତଦାନ କରିଥିବା ବ୍ୟକ୍ତିବିଶେଷଙ୍କ ମଧ୍ୟରେ ସାଗରିକା ଗୁରୁ, ବରୁଣ ସୁନା, ଲାଲବାହାଦୁର ପାତ୍ର, ଅଙ୍କିତ ଚାନ୍ଦ, ଅନଙ୍ଗ ଉଦୟ ଗଡତିଆ, ମଣିମା କୁକୁରେଜା, ନାରାୟଣ ସାହୁ, ସ୍ୱରଜିତ ଶତପଥୀ, ଶ୍ରୀକାନ୍ତ ସାହୁ, ନିହାରିକା ମିଶ୍ର, ସନ୍ତୋଷିନୀ ମିଶ୍ର, ଶ୍ରୀମନ୍ଦିନୀ ସାହୁ, କ୍ଷମାନିଧି ଭୋଇ, ଆନନ୍ଦ ଅଗ୍ରୱାଲ, ଅସମାନ ସାହୁ, ପ୍ରହଲାଦ ଛତର, ଓମପ୍ରକାଶ ଗୁରୁ, ବସନ୍ତ ବେହେରା, ମନୀଷ ଝା, ବି

କଥା ଶିଳ୍ପୀ ଫକୀରମୋହନ

ଡକ୍ଟର ଲକ୍ଷ୍ମଣ ସାହୁ

ଊନବିଂଶ ଶତକରେ ଓଡିଶାରେ ଯେତେବେଳେ ନବଜାଗରଣର କୁଆର ଉଠିଲା, ନୂତନ ରୁଚି ପରିଚର୍ଯ୍ୟାର ଇଚ୍ଛାର ସୃଷ୍ଟି ଘଟିଲା, ନୂତନ ଚିନ୍ତା ଓ ଚେତନାର ସୁଅ ପ୍ରବାହିତ ହେଉଥିଲା, ତା'ର ଅନ୍ତରାଳରେ ଯେଉଁ କେତେଜଣ ମୁଷ୍ଟିମେୟ ଜାତିପ୍ରାଣ ଓଡିଆ ଥିଲେ ସେମାନଙ୍କ ମଧ୍ୟରୁ ଫକୀରମୋହନ ଅନ୍ୟତମ ସାରଥୀ । ଫକୀରମୋହନ ଜଣେ ଏଭଳି ସ୍ରଷ୍ଟା ଭାରତୀୟ ସାହିତ୍ୟ ଜଗତରେ ଏ ଯାବତ୍ କେହି ତାଙ୍କପରି ହୋଇଥିବା ମନେହୁଏନାହିଁ । ତାଙ୍କର ଜନ୍ମ ବାଲେଶ୍ୱରର ଏକ ସମ୍ଭ୍ରାନ୍ତ ବଂଶରେ ଘଟିଥିଲା, ହେଲେ ସେ ଥିଲେ ଶୈଶବରୁ ପିତୃମାତୃହୀନ, କପର୍ଦ୍ଦକଶୂନ୍ୟ, ସ୍ୱଳ୍ପଶିକ୍ଷାପ୍ରାପ୍ତ ଓ ରୁଗ୍ଣ ବ୍ୟକ୍ତିଟିଏ । ବାଲ୍ୟବସ୍ଥାରେ ବୃଦ୍ଧା ପିତାମହୀଙ୍କ ପାଖରେ ପାଳିତ ହୋଇଥିଲେ ଓ ସ୍ୱଳ୍ପଶିକ୍ଷାପ୍ରାପ୍ତ ପରେ ଅର୍ଥାଭାବରୁ ବାଲେଶ୍ୱର ବନ୍ଦରରେ ପାଲ ସିଲେଇ କାମ ତଦାରଖ କରିବା ନିମନ୍ତ ସେ ନିଜକୁ ନିୟୋଜିତ କରିଥିଲେ ।

ଫକୀରମୋହନ ଏକାଧାରରେ କବି, ଔପନ୍ୟାସିକ, ଶାସକ, ପଣ୍ଡିତ, ସମାଜ-ସଂସ୍କାରକ, ମୁଦ୍ରାକର, ସଂପାଦକ, ବ୍ୟବସାୟୀ, ସର୍ବୋପରି ଜଣେ ଦେଶଭକ୍ତ ଓ ଜାତି ସେବକ ଥିଲେ । ତାଙ୍କ ଜୀବନ ଅତି ରୋମାଂଚକର, ଯାହାଫଳରେ ସେ ତାଙ୍କର ଅନବଦ୍ୟ ଗଳ୍ପ-ଉପନ୍ୟାସ ଦ୍ୱାରା ନିଜମାତୃଭାଷାକୁ ପ୍ରଚୁର ଉର୍ବର କରିବାରେ ସଫଳ ହୋଇପାରିଥିଲେ । ଅଧିକ ବିସ୍ମୟ ସେ ଦୁଇଟି ବର୍ଷରୁ ଅଧିକ ସ୍କୁଲ ମାଡି ପାଠ ପଢିବାର ସୁଯୋଗ ପାଇନଥିବା ବେଳେ ସେ ନିଜଚେଷ୍ଟାବଳରେ ପରବର୍ତ୍ତୀ ସମୟରେ ଇଂରାଜୀ ଓ ସଂସ୍କୃତ ସମେତ ପାଂଚଟି ଭାଷାକୁ ଆୟତ୍ତକରି ଏକ ବିରାଟ ପ୍ରତିଭାର ପରିଚୟ ଦେଇଥିଲେ । ତାଙ୍କ ଅସାଧାରଣ ବିଚକ୍ଷଣତା ଯୋଗୁ ତତ୍କାଳୀନ ବହୁ ଉଂଚପଦସ୍ଥ ଇଂରେଜ କର୍ମଚାରୀଙ୍କ ବନ୍ଧୁ ହେବା ସଂଗେ ସଂଗେ ସେ ବେଶୀୟ ରାଜ୍ୟମାନଙ୍କର ଶାସକ ମଧ୍ୟ ହୋଇଥିଲେ ।

ଫକୀରମୋହନ କେବଳ ମୌଳିକ ରଚନାରେ ନୁହଁନ୍ତି, ଛାପାଖାନାପ୍ରତିଷ୍ଠା, ପାଠ୍ୟପୁସ୍ତକ ପ୍ରଣୟନ, ପତ୍ରପତ୍ରିକା ସଂପାଦନ, ପ୍ରଶାସନ, ସମାଜସେବା, ଭାଷା ଓ ସାହିତ୍ୟର ସୁରକ୍ଷା ଆଦି ପ୍ରତ୍ୟେକକ୍ଷେତ୍ରରେ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ନିର୍ବାହ କରିଛନ୍ତି, ସେଥିପାଇଁ ଓଡିଆଜାତି ତାଙ୍କ ପାଖରେ ଯୁଗେଯୁଗେ ଋଣୀ ହୋଇରହିଥିବ । ସେ ଥିଲେ ମନ ଓ ମନନରେ ଖାଣ୍ଟି ଓଡିଆ । ଭାଷା ଆନ୍ଦୋଳନରେ ଓ ଦେଶମିଶ୍ରଣ ଆନ୍ଦୋଳନରେ ସେ ଯେପରି ସଫଳ ଭୂମିକା ଗ୍ରହଣ କରିଛନ୍ତି, ସେପରି ମଧ୍ୟ ତାଙ୍କ ଭାଷା ଓ ପ୍ରକାଶଭଙ୍ଗୀ ସ୍ପଷ୍ଟ ଓ ନିର୍ଭୀକ ଯାହା ଓଡିଆ ଜାତିର ପ୍ରାଣକୁ ନିବିଡ ଭାବରେ ସ୍ପର୍ଶ କରିଛି, ତେଣୁ କଥାଶିଳ୍ପୀ ଫକୀରମୋହନ ଏ ଜାତିର ସାହିତ୍ୟରେ ଅଦ୍ୱିତୀୟ ଓ ଚିରନମସ୍ୟ ହୋଇରହିଛନ୍ତି ।

ଫକୀରମୋହନ ମାନବ ଜୀବନର ବାସ୍ତବ ଅନୁଭୂତି, ନାନାବିଧ ସମସ୍ୟା, ଅନ୍ତଦ୍ୱନ୍ଦ୍ୱ ଆଦିକୁ ନାନା ବର୍ଣ୍ଣ ବିଭାରେ ଉଦ୍ଘାଟନ କରିଛନ୍ତି । ଜୀବନ ଓ ଜଗତକୁ ଆଧାରର କ୍ଷେତ୍ରଭାବରେ ଧାରଣ କରି ସୃଷ୍ଟିକର୍ମରେ ମନୋନିବେଷ କରିଛନ୍ତି ଓ ଜୀବନର ବିଶ୍ଳେଷଣ ସହିତ ସମାଜର ମୂଲ୍ୟବୋଧକୁ ନିରୂପଣ କରିଛନ୍ତି । ତାଙ୍କର ସୃଷ୍ଟି ମଧ୍ୟରେ ଗଳ୍ପ, ଉପନ୍ୟାସ, ପ୍ରବନ୍ଧ, କବିତା ଓ ଆତ୍ମଜୀବନୀ ଆଦି ଖୁବ୍ ଗୁରୁତ୍ୱପୂର୍ଣ୍ଣ । ତାଙ୍କର କୃତିସମୂହ ଓଡିଆ ସାହିତ୍ୟ ଭଣ୍ଡାରର ଏକ ଏକ ଅନନ୍ୟ ସାଧାରଣ ଲିପି-ସଂପଦ । ତାଙ୍କର ଅମ୍ଳାନ କୃତିଗୁଡିକ କବିତା- ପୂଷ୍ପମାଳା, ଉପହାର ଓ ଅବସର ବାସରେ, କାବ୍ୟଗୁଡିକ ହେଉଛି- ଉତ୍କଳ ଭ୍ରମଣ, ବୌଦ୍ଧବତାର କାବ୍ୟ, ପୂଜାଫୁଲ ଧୂଳି । ସେ ଥିଲେ ସଫଳ ଅନୁବାଦକ, ମହାଭାରତ (ଅସଂପୂର୍ଣ୍ଣ), ରାମାୟଣ, ଶ୍ରୀମଦ୍ ଭଗବତ୍ ଗୀତା ଓ ଉପନିଷଦର ଅନୁବାଦ କରିଛନ୍ତି । ଇତିହାସ ରଚନାରେ ଭାରତବର୍ଷର ଇତିହାସ ଗ୍ରନ୍ଥ ଦ୍ୱୟ, ଗଳ୍ପ ଓ ଉପନ୍ୟାସ କ୍ଷେତ୍ରରେ ତାଙ୍କର କୋଡିଏଟି ଗଳ୍ପ ଓ ଚାରୋଟି ଉପନ୍ୟାସ- ଛ'ମାଣ ଆଠଗଣ୍ଠ, ଲଛମା, ମାମୁ ଓ ପ୍ରାୟଶ୍ଚିତ ଏକ ଏକ ଅମର କୃତି ।

ତାଙ୍କ ରଚିତ କବିତା ଓ କାବ୍ୟ ଗୁଡିକରେ ବ୍ୟକ୍ତିଗତ ବିଷାଦବୋଧ, ଅତୀତପ୍ରୀତି, ପଲ୍ଲୀପ୍ରାଣତା ଜାତୀୟତା , ସମାଜଚିନ୍ତନ, ନାରୀବାଦୀ ଦୃଷ୍ଟିଭଙ୍ଗୀ, ମୃତ୍ୟୁବୋଧ, ବ୍ୟଙ୍ଗଧର୍ମିତା ଆଦିର ସ୍ୱରସଂଭାର ରହିଛି । ବିଶେଷତଃ ଦୁଇଦୁଇଟି ପତ୍ନୀ ଓ ମାତାମହୀ ଆଦିଙ୍କ ପ୍ରଭାବପୁଷ୍ଟ ତିକ୍ତ-ମଧୁର ଅନୁଭୂତି ତାଙ୍କ କାବ୍ୟ କବିତା, ଗଳ୍ପ ଉପନ୍ୟାସ ଓ ଆତ୍ମକାହାଣୀରେ ନାନା ଚରିତ୍ର ଓ ଭାବଭାବନାରେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ପ୍ରକାଶଲାଭ କରି ପାଠକୀୟ ହୃଦୟ ମନ୍ଥନ କରିଛି । ପ୍ରତ୍ୟେକଟି ଗଳ୍ପ, ଉପନ୍ୟାସ ଓ ଆତ୍ମଜୀବନୀରେ ସମାଜ, ସଂସ୍କୃତି, ରାଜନୀତି, ଧର୍ମ ଆଦି ନାନା ପ୍ରସଂଗ ଉପସ୍ଥାପନର କଳାତ୍ମକ ଚିତ୍ର ପ୍ରତିଫଳିତ । ବିଶେଷତଃ ଊନବିଂଶ ଓ ବିଂଶ ଶତକର ଜୀବନଚିତ୍ର ଅଙ୍କନ କରିବା ତାଙ୍କ ସୃଷ୍ଟିର ଶ୍ରେଷ୍ଠ ଉପାଦାନ ଥିଲା । ହାସ୍ୟବ୍ୟଙ୍ଗ ଶୈଳୀ, କଟାକ୍ଷ, କରୁଣ ମଧୁର ରସ ପରିବେଷଣ ହିଁ ତାଙ୍କ ସାହିତ୍ୟର ବୈଶିଷ୍ଟ୍ୟ । ବିଶିଷ୍ଟ କବି ଓ ସମାଲୋଚକ ଡଃ ମାୟାଧର ମାନସିଂ ତାଙ୍କୁ ସମଗ୍ର ଆଧୁନିକ ଭାରତୀୟ ସାହିତ୍ୟର ପ୍ରଥମ ଲୋକ-ଲେଖକର ସମ୍ମାନ ଦେବାକୁ ଯାଇ ବିଖ୍ୟାତ ବଙ୍ଗଳା ଔପନ୍ୟାସିକ ବଙ୍କିମଚନ୍ଦ୍ର ଓ ହିନ୍ଦୀ



ଔପନ୍ୟାସିକ ପ୍ରେମଚନ୍ଦଙ୍କ ସହ ତୁଳନା କରିଛନ୍ତି । ବାସ୍ତବରେ ଫକୀରମୋହନଙ୍କ ସୃଷ୍ଟି ସଂପଦକୁ ଅନୁଶୀଳନ କଲେ ସ୍ପଷ୍ଟ ହୁଏ ସେ ଯେଭଳି ଜଣସାଧାରଣଙ୍କ ଲୌକିକ ଭାଷାକୁ ମାଟି ଓ ପ୍ରକୃତି ସହ ଗନିଷ୍ଠ ଭାବେ ସଂପୃକ୍ତ ଥିବା ନରନାରୀମାନଙ୍କୁ ସାହିତ୍ୟରେ ଅଙ୍ଗୀକାର କରି ଆମକୁ ବିଶ୍ୱଜନୀନତାର ଯେଉଁ ସ୍ୱାଦ ଦେଇଛନ୍ତି , ଯର୍ଥାଥରେ ସେ ଫବ୍ୟାସକବି' ଓ ଫସରସ୍ୱତୀ' ଉପାଧିର ଯୋଗ୍ୟ ଏକ ଅମ୍ଳାନ ମହାପୁରୁଷ ।

+ଅଧକ୍ଷ, ମହାନଦୀ ବିହାର
ମହିଳା ସ୍ନାତକ ମହାବିଦ୍ୟାଳୟ,
କଟକ- ୪
ମୋ: ୯୦୪୦୧୫୧୪୭୫

ସାଇ ନବବର୍ଷ ଓ ମକର ସଂକ୍ରାନ୍ତି

ନିରୂପମା ଭୂୟାଁ

ଆମ ଦେଶରେ ମକର ସଂକ୍ରାନ୍ତିକୁ ଏକ ପବିତ୍ର ଦିବସ ରୂପେ ପାଳନ କରାଯାଏ । ଏହିଦିନ ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରନ୍ତି ଓ ତାଙ୍କର ଉତ୍ତରାୟଣ ଆରମ୍ଭ ହୁଏ । ଏହି ଦିନର ଆଉ ଏକ ପୌରାଣିକ ତାତ୍ପର୍ଯ୍ୟ ହେଲା ଯେ ମହାଭାରତ ଯୁଦ୍ଧରେ ଭୀଷ୍ମ ଶରଶଯ୍ୟାରେ ୫୬ଦିନ ଶୟନ କଲାପରେ ମର ଶରୀର ତ୍ୟାଗ କରିବା ପାଇଁ ଏହି ପବିତ୍ର ଦିନଟିକୁ ଅପେକ୍ଷା କରି ରହିଥିଲେ । ସୂର୍ଯ୍ୟଙ୍କର ଉତ୍ତରାୟଣ ଆରମ୍ଭ ହେବାରୁ ତାଙ୍କ ଆତ୍ମା ପରମାତ୍ମାଙ୍କ ଶରୀରରେ ଲୀନ ହେଲା । ସତ୍ୟସାଇ ବାବା ପ୍ରତିବର୍ଷ ମକର ସଂକ୍ରାନ୍ତି ଦିନଟିକୁ ସତ୍ୟସାଇ ସଂଗଠନର ନବବର୍ଷର ଆରମ୍ଭ ରୂପେ ପାଳନ କରି ଏହି ପବିତ୍ର ଦିବସର ତାତ୍ପର୍ଯ୍ୟ ସମ୍ବନ୍ଧରେ ଦିବ୍ୟ ସମ୍ଭାଷଣମାନ ଦେଇଥାନ୍ତି । ତାଙ୍କ ମତରେ ମକର ସଂକ୍ରାନ୍ତି ଆବାହମାନ କାଳରୁ ଏକ ପରିପୂର୍ଣ୍ଣତା ଓ ଆନନ୍ଦର ଦିବସ ରୂପେ ପାଳିତ ହୋଇ ଆସୁଅଛି । ଏହି ପର୍ବ ସାମାଜିକ ମଙ୍ଗଳ ପାଇଁ ଉଦ୍ଦିଷ୍ଟ । ସଂକ୍ରାନ୍ତିର ଅର୍ଥ ହେଲା ସମୁହକ୍ରାନ୍ତି । କ୍ରାନ୍ତି କହିଲେ ପରିବର୍ତ୍ତନକୁ ବୁଝାଏ । ଏହି ପବିତ୍ର ଦିବସର ପ୍ରଭାବରେ ସମଗ୍ର ମାନବ ଜାତି ମଧ୍ୟରେ ପବିତ୍ର ବାତାବରଣ ସୃଷ୍ଟି ହୁଏ । ସେଥିପାଇଁ ସାଇ ବାବା ଏହି ପର୍ବରେ ଭକ୍ତମାନଙ୍କ ସମାବେଶରେ ଶୁଭ ସନ୍ଦେଶ ଦେଇକହିଥାନ୍ତି ଯେ ସଂକ୍ରାନ୍ତି ହୃଦୟର ପରିବର୍ତ୍ତନ ଆଣିଲେ ସମସ୍ତେ ସୁଖ ସମୃଦ୍ଧ ଭରା ଗୌରବମୟ ଜୀବନଯାପନ କରିବେ ।

ସାଧାରଣତଃ ଗ୍ରାମ ମାନଙ୍କରେ ଚାଷକାର୍ଯ୍ୟରେ ବ୍ୟସ୍ତ ଥିବା ବ୍ୟକ୍ତିମାନେ ଜମି ହଳ କରିବା, ପାଣି କାଦୁଅରେ ଦିନରାତି ପରିଶ୍ରମ କରି ବେଉଷଣ କରିବା, ଶୀତ କାକରରେ ଧାନ ଅମଳ କରି ଖଳାରେ ଗଦା ମାରିବା ଓ ଧାନ ଅମଳ କରିବାରେ ଯେଉଁ କଷ୍ଟ ସ୍ୱୀକାର କରିଥାଆନ୍ତି ମକର ସଂକ୍ରାନ୍ତି ପରି ଏକ ପବିତ୍ର ଦିନ ଉପସ୍ଥିତ ହେଲେ ମନଭରି ଆନନ୍ଦ ଉଲ୍ଲାସରେ ମାତି ଯାଆନ୍ତି । ଟିକିଏ ଆରାମ କରିବା ସହିତ ଭାଗବତ ଆରାଧନା କରିବାରେ ଦିନଟିକୁ କାଟି ଥାଆନ୍ତି । ଘରେ ଘରେ ନୂଆ ଧାନର ଚାଉଳରେ ନଡ଼ିଆ, ଛେନା ଆଦି ବ୍ୟବହାର କରି ସୁସ୍ୱାଦୁ ପୋଡ଼ପିଠା କରି ମକର ଚାଉଳ ସହିତ ଠାକୁରଙ୍କ ନିକଟରେ ଭୋଗ ଲଗାନ୍ତି । ମକର ସଂକ୍ରାନ୍ତି ସାରା ବିଶ୍ୱରେ ସତ୍ୟସାଇ ସଂଗଠନ ଦ୍ୱାରା ନବବର୍ଷ ରୂପେ ପାଳନ କରାଯାଏ । କାରଣ ଏହି ପବିତ୍ର ଦିବସରେ ସତ୍ୟସାଇ ସମିତି ଗୁଡ଼ିକରେ ଆଗାମି ବର୍ଷ ପାଇଁ ସର୍ବସମ୍ମତ ଭାବେ ସ୍ଥିର କରାଯାଇଥିବା ଓ ରାଜ୍ୟ ସଂଗଠନ ଦ୍ୱାରା ଅନୁମୋଦିତ କର୍ମକର୍ତ୍ତା ମାନେ ଶପଥ ଗ୍ରହଣ କରନ୍ତି । ଏହି ଶପଥ ଗ୍ରହଣ ଉତ୍ସବରେ ରାଜ୍ୟସ୍ତରୀୟ କିମ୍ବା ଜିଲ୍ଲାସ୍ତରୀୟ କିମ୍ବା ବିଶିଷ୍ଟ ବ୍ୟକ୍ତିମାନେ ପୌରହିତ କରିଥାନ୍ତି ଏବଂ ବାବାଙ୍କ ବାଣୀ ଓ ଲୀଳା ବିଷୟରେ ଉପସ୍ଥିତ ଦର୍ଶକ ମାନଙ୍କୁ ସମ୍ଭାଷଣ ଦେଇ ବାତାବରଣକୁ ପବିତ୍ରତାରେ ଭରି ଦିଅନ୍ତି । ଭଗବାନ ଶ୍ରୀସତ୍ୟସାଇ ବାବାଙ୍କ ଦିବ୍ୟ ସମ୍ଭାଷଣ ପ୍ରଦତ୍ତ ଓ ମାର୍ଗ ନିର୍ଦ୍ଦେଶିତ ଜୀବନଚର୍ଯ୍ୟା ଓ ସଙ୍ଗଠନରେ ଆଧ୍ୟାତ୍ମିକ ଦାୟିତ୍ୱବୋଧକୁ ସ୍ମରଣୀୟ କରିବାର ପବିତ୍ର ଦିନଟି ହେଉଛି ମକର ସଂକ୍ରାନ୍ତୀ । କହିବାକୁଗଲେ ମକର ସଂକ୍ରାନ୍ତି ହେଉଛି ଶ୍ରୀ ସତ୍ୟସାଇ ସେବା ସଙ୍ଗଠନର ଆଧ୍ୟାତ୍ମିକ ବର୍ଷର ଆରମ୍ଭ ଦିନ ବା ନୂଆ ବର୍ଷ କହିଲେ ଅତ୍ୟୁକ୍ତି ହେବନାହିଁ । ପ୍ରତିଟି ସାଇ ଆଶ୍ରିତ ଏହି ଦିନଟିକୁ ଅତ୍ୟନ୍ତ ଆଧ୍ୟାତ୍ମିକ ଭାବପୂର୍ଣ୍ଣ ଭାବେ ଗ୍ରହଣ କରିଥାନ୍ତି । ପ୍ରତ୍ୟୁଷରୁ ଓଁକାରମ୍ ସୁପ୍ରଭାତମ୍, ନଗରସଂକୀର୍ତ୍ତନରୁ ଆରମ୍ଭ ହୋଇ ବିଭିନ୍ନ ସେବାକାର୍ଯ୍ୟ, ପୂଜା, ପ୍ରାର୍ଥନା ଓ ଅନ୍ୟାନ୍ୟ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ସହ ସତସଙ୍ଗ ଓ ସ୍ୱତନ୍ତ୍ର ପ୍ରଶାନ୍ତି ଭଜନ ପରିବେଷଣ ହୋଇଥାଏ । ଏହି ଦିନରୁ ସଙ୍ଗଠନର ସମସ୍ତ ଶାଖାର ନୂଆ କର୍ମକର୍ତ୍ତାମାନେ ଭଗବାନଙ୍କ ପାଦପଦ୍ମରେ ଶପଥ ଓ ପ୍ରଣାମ ପୂର୍ବକ ଦାୟିତ୍ୱ ଗ୍ରହଣ କରିଥାନ୍ତି । ସଙ୍ଗଠନର ସକ୍ରିୟ କର୍ମୀ ଓ କର୍ମକର୍ତ୍ତା ଶପଥ ଗ୍ରହଣ କରି ଘୋଷଣା କରିଥାନ୍ତି - ମୁଁ ଉଦ୍‌ଘୋଷଣା କରୁଛି କି ମୋର ଭଗବାନ ବାବାଙ୍କ ପ୍ରଦତ୍ତ

ଶିକ୍ଷା ଉପରେ ପୂର୍ଣ୍ଣ ବିଶ୍ୱାସ ଅଛି । ମୁଁ ନବବିଧ ଆଚରଣ ବିଧି ଓ ସଂଗଠନର ସମସ୍ତ ନିୟମ ମାନି ଚଳିବି, ମୁଁ ନିଶାଦ୍ରବ୍ୟ ଧୁଆଁପତ୍ର, ଆମିଷ ଭୋଜନ ଓ ଜୁଆ ଖେଳରୁ ଦୂରେଇ ରହିବି । ମୁଁ ମୋର ସମସ୍ତ କର୍ତ୍ତବ୍ୟ ଭଗବାନ ସତ୍ୟସାଇ ବାବାଙ୍କ ପାଦପଦ୍ମରେ ଅର୍ପଣ କରିବି ।

ମକର ସଂକ୍ରାନ୍ତିରୁ ଉତ୍ତରାୟଣ ପର୍ବ ଆରମ୍ଭ ହୁଏ । ଏହା ଦେବତା ମାନଙ୍କ ଦିନ ହୋଇଥିବା ଯୋଗୁଁ ଏହି ଦିନ ଜପ, ତପ, ଦାନ, ସ୍ନାନ, ଶ୍ରାଦ୍ଧ, ତର୍ପଣ ଆଦି ଧାର୍ମିକ କାର୍ଯ୍ୟର ବିଶେଷ ମହତ୍ୱ ରହିଛି । ଏହିଦିନ ଠାରୁ ଦିନ ବଡ଼ ହେବାକୁ ଲାଗେ ଏବଂ ରାତି ଛୋଟ ହେବାକୁ ଲାଗେ । ଦିନ ବଡ଼ ହେବା ଯୋଗୁଁ ଅଧିକ ଆଲୋକ ମିଳେ । ଫଳରେ ତାପମାତ୍ରା କମେ । ଅର୍ଥାତ୍ ମକର ସଂକ୍ରାନ୍ତି ଠାରୁ ଶୀତର ପ୍ରକୋପ କମ୍ ହୋଇଯାଏ । ଅଧିକ ଆଲୋକ ଯୋଗୁଁ ମନୁଷ୍ୟର ଚେତନା ଓ କାର୍ଯ୍ୟଶକ୍ତି ବୃଦ୍ଧି ପାଏ । ଏହି ଦିନ ସୂର୍ଯ୍ୟଙ୍କ ରାଶିରେ ହୋଇଥିବା ପରିବର୍ତ୍ତନକୁ ଅନ୍ଧକାରରୁ ଆଲୋକ ଆଡ଼କୁ ଅଗ୍ରସର ହେବାର ପ୍ରତୀକ ଭାବରେ ବିବେଚନା କରାଯାଏ । ହିନ୍ଦୁ ଧର୍ମର ପ୍ରତ୍ୟେକ ପର୍ବ କୌଣସି ନା କୌଣସି ଦେବତାଙ୍କ ପାଇଁ ଉଦ୍ଦିଷ୍ଟ । ଉତ୍ତରାୟଣ ପର୍ବ ଅର୍ଥାତ୍ ମକର ସଂକ୍ରାନ୍ତି ସୂର୍ଯ୍ୟ ଉପାସନାର ପର୍ବ । ଏହି ଦିନ ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରନ୍ତି । ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରିବା ଯୋଗୁଁ ମନୁଷ୍ୟ ମନରେ ମଧ୍ୟ ପରିବର୍ତ୍ତନ ଆସେ । ସମସ୍ତେ ମିଳିମିଶି ରୁହନ୍ତୁ, ସମସ୍ତଙ୍କ ଜୀବିକା ନିର୍ବିଘ୍ନରେ ଚାଲୁ, ସମସ୍ତେ ଶକ୍ତିମାନ ହୁଅନ୍ତୁ, ସତ୍‌କର୍ମରୁ ଆମକୁ ଶକ୍ତି ମିଳୁ - ଏହା ମକର ସଂକ୍ରାନ୍ତିର ସନ୍ଦେଶ ।

ଜିଲ୍ଲା ସଂଯୋଜିକା (ଶିକ୍ଷା)
ଶ୍ରୀ ସତ୍ୟସାଇ ସେବା
ସଙ୍ଗଠନ, କେନ୍ଦ୍ରାପଡ଼ା ଜିଲ୍ଲା,
ପଲାଇ ବାଲିଚନ୍ଦ୍ରପୁର,
ଯାଜପୁର,
ମୋ : ୯୯୩୭୪୭୦୯୮୦

ସଂକ୍ରାନ୍ତି ପର୍ବ : ପୋଙ୍ଗଲ ଓ ମକର

ବିପିନ ବିହାରୀ ମହାନ୍ତି

ପୋଙ୍ଗଲ ଓ ମକର ମୁଖ୍ୟତଃ ଏକ କୃଷି ଭିତ୍ତିକ ଅମଳ ପର୍ବ । ଏହି ପର୍ବରେ କୃଷିକୁ ପ୍ରଭାବିତ କରୁଥିବା ଇନ୍ଦ୍ର ଓ ସୂର୍ଯ୍ୟ ଦେବତାଙ୍କ ସହ ଗୋ' ଜାତି ପ୍ରତି ଏକ ଧନ୍ୟବାଦ ଏବଂ କୃତଜ୍ଞତା ଜ୍ଞାପନ କରାଯାଏ । ମକର ସଂକ୍ରାନ୍ତି ଅବସରେ ପୋଙ୍ଗଲ ଓ 'ମକର' ପର୍ବ ପାଳିତ ହୁଏ । ଦକ୍ଷିଣ ଭାରତରେ ବିଶେଷ କରି ତାମିଲନାଡୁରେ ଏହି ପର୍ବଟିକୁ କୁହନ୍ତି 'ପୋଙ୍ଗଲ' । 'ପୋଙ୍ଗଲ' ମକର ମଂକ୍ରାନ୍ତି ଘରର ପ୍ରଥମ ଦିନ 'ଥାଇ'ରୁ ଆରମ୍ଭ ହୁଏ । ଏହା ଇଂରାଜୀ ମାସ ଗଣନାରେ ପ୍ରତିବର୍ଷ ଜାନୁୟାରୀ ୧୩ ବା ୧୪ରେ ପଡ଼େ । ବେଳେବେଳେ ଦିନେ ଓଲିଏ ବ୍ୟତିକ୍ରମ ରୁହେ ।

ପୋଙ୍ଗଲର ପ୍ରସ୍ତୁତି ପର୍ବ :

ପୋଙ୍ଗଲ ଅବସରେ ତାମିଲନାଡୁରେ ଲୋକମାନେ ନିଜ ନିଜ ଘର ଏବଂ ଏହାର ପରିବେଶକୁ ବେଶ୍ ସଫା ସୁତୁରା, ପରିଷ୍କାର ଏବଂ ପରିଚ୍ଛନ୍ନ ରଖନ୍ତି । ଘରର ପୁରୁଣା ଜିନିଷ ଯାହା ଅଦରକାରୀ ଏବଂ ଅନ୍ୟାନ୍ୟ ଆଜେବାଜେ ଜିନିଷକୁ ଫୋପାଡ଼ି ଦିଅନ୍ତିବା ନିଆଁ ଲଗାଇ ଦିଅନ୍ତି । ତା' ସ୍ଥାନରେ ନୂଆ ଆସନ ଓ ନୂଆ ବାସନ ଇତ୍ୟାଦି କିଣିଥାଆନ୍ତି । ସଂପୂର୍ଣ୍ଣ ଧାର୍ମିକ ଭାବନାରେ ସାତ୍ତ୍ୱିକତା ସହିତ ପୂଜାର୍ଚ୍ଚନା କରନ୍ତି । ଘରକୁ ସୁନ୍ଦର ଭାବେ ଫୁଲ ଏବଂ ଆମ୍ର ତୋରଣ ଇତ୍ୟାଦିରେ ସଜାଇ ଥାଆନ୍ତି । ନିଜେ ସମସ୍ତେ ନୂତନ ବସ୍ତ୍ର ପିନ୍ଧନ୍ତି ।

ଭୋଗୀ ପୋଙ୍ଗଲ : :

ପୋଙ୍ଗଲ ଚାରିଦିନ ବ୍ୟାପୀ ପାଳନ କରାଯାଏ । ଏହାର ପ୍ରଥମ ଦିନକୁ କୁହନ୍ତି 'ଭୋଗୀ' । ଭୋଗୀରେ ଇନ୍ଦ୍ର ଦେବତାଙ୍କର ପୂଜା କରାଯାଏ । ସେ ଶସ୍ୟ ଉତ୍ପାଦନକାରଣକୁ ବର୍ଷା କରନ୍ତି ଓ ମାଟିର ଉର୍ବରତା ବଢ଼ାନ୍ତି । ତେଣୁ ଏ ପର୍ବ ପର୍ବଟି ତାଙ୍କପ୍ରତି ଧନ୍ୟବାଦ ସୂଚକ ପର୍ବ ଅଟେ । ଏହିଦିନ ନୂଆ ଚାଉଳ ବା ତା' ଚୁନାରେ ସୁସ୍ୱାଦ ଭୋଜନ ପ୍ରସ୍ତୁତ କରି ପ୍ରଥମେ ଠାକୁରଙ୍କୁ ଅର୍ପଣ କରାଯାଏ । ପରେ ପରିବାର ସଦସ୍ୟଙ୍କ ସହ ଅନ୍ୟମାନଙ୍କୁ ପରିବେଷଣ କରାଯାଏ । ଏହି ଖାଦ୍ୟକୁ କୁହନ୍ତି

'ମିଷ୍ଟ ପୋଙ୍ଗଲ' ବା 'ସରକରାଇ ପୋଙ୍ଗଲ' । 'ସରକରାଇ' ଶର୍କରାକୁ ଜାତଶବ୍ଦ, ଯାହାର ଅର୍ଥ ମିଠା । ଓଡ଼ିଶା ନୂଆ ଖାଇ ପରି ଏହିଦିନ ତାମିଲ ପରିବାରଙ୍କ ପାଇଁ ଏକତ୍ରୀକରଣ ବା ସମବେତ ହେବାର ଏକ ଦିବସ ।

ସାଇ ପୋଙ୍ଗଲ :

ପୋଙ୍ଗଲର ଦ୍ୱିତୀୟ ଦିବସକୁ କୁହନ୍ତି 'ସାଇପୋଙ୍ଗଲ' ବା 'ମାତୁପୋଙ୍ଗଲ' । ଏହି ଦିବସଟି ସୂର୍ଯ୍ୟ ଦେବତାଙ୍କ ପୂଜାପାଇଁ ଉଦ୍ଦିଷ୍ଟ । କାରଣ ତାଙ୍କ କାରଣରୁ ସେମାନଙ୍କ ଶସ୍ୟ କ୍ଷେତ୍ର ଆଲୋକପାଏ; ଇନ୍ଦ୍ର ବର୍ଷନ୍ତି । ଏହି ଦିନ ଦୁଆରବନ୍ଧମାନଙ୍କରେ ଆମ୍ରପତ୍ର ତୋରଣ ବନ୍ଧାଯାଏ । ଦୁଆର ସାମ୍ନାରେ କଦଳୀ, ନଡ଼ିଆ ଚାରା ଏବଂ ଆଖୁ ଇତ୍ୟାଦି ପୋତାଯାଏ । ଘରର ଚଟାଣମାନଙ୍କରେ ସ୍ତ୍ରୀ ଲୋକମାନେ ଧଳା ଓ ରଙ୍ଗୀନର ମୁରୁଜରେ ରଂଗୋଲିମାନ ଆଙ୍କିଥାନ୍ତି । ଘରର ବାସନକୁସନ, ଆମ୍ରପତ୍ର, ହଳଦି ପତ୍ର ଓ ଆଖୁଖଣ୍ଡମାନଙ୍କ ଦ୍ୱାରା ସଜ୍ଜିତ କରିଥାଆନ୍ତି । ସମସ୍ତେ ନୂତନ ବସ୍ତ୍ର ପରିଧାନ କରନ୍ତି ଏବଂ ନାନା ଖାଦ୍ୟକୁ ପ୍ରସ୍ତୁତ କରିଥାଆନ୍ତି । ପୂର୍ବ ଦିନପରି ଏଦିନ ସଜଧାନର ଚାଉଳକୁ ଗୁଣ୍ଡକରି ନୂଆ ତମ୍ବା ବାସନ ବା ମାଟିର ହାଣ୍ଡିରେ ସୁବାସିତ ମସଲା, କ୍ଷୀର ଓ ସର ଇତ୍ୟାଦି ପକାଇ ଯେଉଁ କ୍ଷୀରୀ ପ୍ରସ୍ତୁତହୁଏ ତାହାହିଁ ପୋଙ୍ଗଲ । ଏହାକୁ ପ୍ରଥମେ ସୂର୍ଯ୍ୟଙ୍କୁ ସମର୍ପଣ ପରେ ଅନ୍ୟମାନଙ୍କ ସ

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା ତିଆରି କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

ଦକ୍ଷିଣ ଗୋଲାର୍ଦ୍ଧର ସ୍ୱର...

ଜି-୨୦ ଗୋଷ୍ଠୀର ଅଧ୍ୟକ୍ଷ ପଦଭାର ଗ୍ରହଣ କରିବା ସହ ଭାରତ ବିଶ୍ୱର ଦକ୍ଷିଣ ଗୋଲାର୍ଦ୍ଧର ରାଷ୍ଟ୍ରମାନଙ୍କର ପ୍ରମୁଖ ସ୍ୱର ପାଲଟିଛି । ଦକ୍ଷିଣ ଗୋଲାର୍ଦ୍ଧ ରାଷ୍ଟ୍ର କହିଲେ ସେହିସବୁ ବିକାଶଶୀଳ ରାଷ୍ଟ୍ରମାନଙ୍କୁ ବୁଝାଏ, ଯେଉଁମାନେ ଆର୍ଥିକ ଦୃଷ୍ଟିକୋଣରୁ ଧନୀ ୟୁରୋପୀୟ ରାଷ୍ଟ୍ରମାନଙ୍କ ତୁଳନାରେ ପଛୁଆ । ସେମାନଙ୍କୁ ପୂର୍ବରୁ ବିକାଶଶୀଳ ଅଥବା ତୃତୀୟ ବିଶ୍ୱର ରାଷ୍ଟ୍ର ବୋଲି ମଧ୍ୟ କୁହାଯାଉଥିଲା । ଧୀରେ ଧୀରେ ବିଶ୍ୱର ଆର୍ଥିକ ସାମାଜିକ ବ୍ୟବସ୍ଥାରେ ଯେଉଁ ଦ୍ରୁତ ପରିବର୍ତ୍ତନ ଘଟିଚାଲିଛି, ସେଥିରେ ଅନେକ ବିକାଶଶୀଳ ରାଷ୍ଟ୍ର ବୈଶ୍ୱିକ ପ୍ରଗତି ସହ ତାଳଦେଇ ଆଗକୁ ଅଗ୍ରସର ହୋଇପାରି ନାହାନ୍ତି । ସେମାନଙ୍କ ସ୍ୱର ମଧ୍ୟ ଦିନକ ଦିନ କ୍ଷୀଣ ହେବାରେ ଲାଗିଚି । ଏକଦା ସେହି ବର୍ଗରେ ଥିବା ଭାରତ ଏବେ ବଶ୍ୱର ଦ୍ରୁତତମ ଆର୍ଥିକ ପ୍ରଗଶୀଶୀଳ ରାଷ୍ଟ୍ରଭାବେ ମୁଣ୍ଡ ଟେକିଛି । ତେଣୁ ଅତୀତ ଦିନର ସେହି ସହଭାଗୀ ରାଷ୍ଟ୍ରମାନଙ୍କ ସମସ୍ୟା ଓ ସ୍ୱରକୁ ବୈଶ୍ୱିକ ମଞ୍ଚରେ ଉପସ୍ଥାପନ କରିବା ଏବଂ ସେସବୁର ସମାଧାନ ସକାଶେ ଉପାୟ ସ୍ଥିର କରିବା ଲାଗି ଭାରତ ତାର ପ୍ରତିବଦ୍ଧତା ବାରମ୍ବାର ଦୋହରାଇ ଆସିଛି । ଜାନୁଆରୀ ୧୨-୧୩ ତାରିଖ ଦିନ ଭାରତ ପକ୍ଷରୁ ଆୟୋଜିତ 'ଭଏସ୍ ଅଫ୍ ଦି ଗ୍ଲୋବାଲ ସାଉଥ୍' ସମ୍ମିଳନୀକୁ ଉଦ୍‌ଘାଟନ କରିବା ଅବସରରେ ପ୍ରଧାନମନ୍ତ୍ରୀ ଏହି ପ୍ରତିଶ୍ରୁତିକୁ ପୁନର୍ବାର ଦୋହରାଇଛନ୍ତି । ବିକାଶଶୀଳ ରାଷ୍ଟ୍ରମାନଙ୍କ ସ୍ୱର ହିଁ ଭାରତର ସ୍ୱର ଏବଂ ବିକାଶଶୀଳ ରାଷ୍ଟ୍ରମାନଙ୍କ ଆବଶ୍ୟକତାକୁ ଭାରତ ଅଗ୍ରପ୍ରାଧାନ୍ୟ ଦିଏ ବୋଲି ପ୍ରଧାନମନ୍ତ୍ରୀ ଶତାଧିକ ରାଷ୍ଟ୍ରଙ୍କୁ ସତର୍କ କରିଛନ୍ତି ଯେ, ବିଶ୍ୱ ଏବେ ଦୀର୍ଘକାଳୀନ ସଂକଟ ଅବସ୍ଥାର ସମ୍ମୁଖୀନ ହୋଇଛି ଏବଂ ସେ ସଂକଟ ଓ ଅସ୍ଥିରତା କେତେ କାଳ ଧରି ଲାଗିରହିବ ସେଥିନେଇ ସମସ୍ତେ ଅନିଶ୍ଚିତ । ତେଣୁ ଦକ୍ଷିଣ ଗୋଲାର୍ଦ୍ଧର ରାଷ୍ଟ୍ରମାନଙ୍କ ସ୍ୱରକୁ ବୈଶ୍ୱିକ ମଞ୍ଚରେ ଉପସ୍ଥାପନ କରିବାର ଦାୟିତ୍ୱ ଭାରତ ନିଜ ମୁଣ୍ଡକୁ ନେଇଛି । କାରଣ ଯେଉଁସବୁ ସଂକଟ ଏବେ ବିଶ୍ୱକୁ ଆକ୍ରାନ୍ତ କରିଛି, ସେଥିପାଇଁ ବିକାଶଶୀଳ ରାଷ୍ଟ୍ରମାନେ ଦାୟୀ ନୁହଁନ୍ତି । କିନ୍ତୁ ସେମାନେ ଏହାଦ୍ୱାରା ସର୍ବାଧିକ ମାତ୍ରାରେ କ୍ଷତିଗ୍ରସ୍ତ । ତାହା ବୈଶ୍ୱିକ ମହାମାରୀ କୋଭିଡ ହୋଇଥାଉ ଅବା ଆତଙ୍କବାଦ, ଜଳବାୟୁ ପରିବର୍ତ୍ତନ ହେଉ କିମ୍ବା ବିଶ୍ୱ ଉତ୍ତାପନ, ଆତଙ୍କବାଦ ହେଉ ବା ଆର୍ଥିକ ମାନ୍ଦାବସ୍ଥା, ଏପରିରି ୟୁକ୍ରେନ୍ ଯୁଦ୍ଧର ପରିଣତି ଏବେ କେବଳ ୟୁକ୍ରେନ୍‌ବାସୀ ନୁହଁନ୍ତି, ଗ୍ଲୋବାଲ ସାଉଥ୍ ହିଁ ଭୋଗୁଛି । ଏହାର ସମାଧାନ ପାଇଁ ଯେଉଁ ଉପାୟ ଲୋଡ଼ା, ଦକ୍ଷିଣ ଗୋଲାର୍ଦ୍ଧର ସହଯୋଗ ବିନା ତାହା ହାସଲ କରିବା ଅସମ୍ଭବ । କିନ୍ତୁ ସେ ସାଧନ, ପ୍ରଯୁକ୍ତି ଓ ପୁଞ୍ଜି ବିକାଶିତ ରାଷ୍ଟ୍ରଙ୍କ ପାଖରେ ହିଁ ଉପଲବ୍‌ଧ । ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ତୃତୀୟ ବିଶ୍ୱ ଅଥବା ବିକାଶଶୀଳ ରାଷ୍ଟ୍ରମାନଙ୍କର ଯେଉଁ ସଂଗଠନ ଓ ମେଣ୍ଟ ଥିଲା, ଏବେ ତାହା ମୂଲ୍ୟବାନ ହୋଇପଡ଼ିଛି । ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ (ନାମ୍) ଏହାର ସର୍ବଶ୍ରେଷ୍ଠ ଉଦାହରଣ । ତେଣୁ ତୃତୀୟ ବିଶ୍ୱ ପାଇଁ ଏକ ସ୍ୱର ଓ ନେତୃତ୍ୱର ଅଭାବ ଅନେକ ଦିନୁ ଉପଲବ୍‌ଧ ହୋଇଆସୁଥିଲା । ଆର୍ଥିକ-ସାମାଜିକ ଉନ୍ନତି ସତ୍ତ୍ୱେ ଭାରତ ତାର ସହଯୋଗୀ ଓ ସମଧର୍ମା ରାଷ୍ଟ୍ରମାନଙ୍କୁ ଭୁଲିନାହିଁ । ବିଶ୍ୱରେ ଏବେ ଯେତେବେଳେ ଭାରତର ସ୍ୱରକୁ କେବଳ ଶିଳ୍ପୋନ୍ନତ ପାଶ୍ଚାତ୍ୟ ରାଷ୍ଟ୍ରମାନେ ଶୁଣୁନାହାନ୍ତି, ବରଂ ଅଗ୍ରପ୍ରାଧାନ୍ୟ ଆରୋପ କରୁଛନ୍ତି, ସେତେବେଳେ ଭାରତ ଦକ୍ଷିଣ ଗୋଲାର୍ଦ୍ଧର ସ୍ୱର ପାଲଟିଲେ ଏହା ସମଗ୍ର ପୃଥିବୀ ପାଇଁ ମଙ୍ଗଳ । ପ୍ରଥମ କିମ୍ବା ତୃତୀୟ ବିଶ୍ୱ ନୁହେଁ, ଗୋଟିଏ ବିଶ୍ୱ ଗଠନ ଲାଗି ଏହା ପଥ ଉନ୍ମୁକ୍ତ କରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରୋନା ମହାମାରୀ ମୁକାବିଲା ସମୟରେ ଏହା ପ୍ରମାଣ କରି ଦେଖାଇଛନ୍ତି । ଭାରତ ଶତାଧିକ ରାଷ୍ଟ୍ରଙ୍କୁ ପ୍ରତିଷେଧକ ଟିକା, ଚିକିତ୍ସା ଉପକରଣ ଓ ଔଷଧ ଯୋଗାଇ ସହାୟତାର ସର୍ବଶ୍ରେଷ୍ଠ ଉଦାହରଣ ସୃଷ୍ଟି କରିଛି । ଆତଙ୍କବାଦ ନିରୋଧ ଠାରୁ ୟୁକ୍ରେନ୍ ଯୁଦ୍ଧ ବନ୍ଦ ପର୍ଯ୍ୟନ୍ତ ଭାରତର ସ୍ୱର ହିଁ ସ୍ପଷ୍ଟ ଓ ସର୍ବଗ୍ରାହ୍ୟ ହୋଇଛି । ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ସୁଦ୍ଧା ଭାରତର ପ୍ରତିବଦ୍ଧତା ବିଶ୍ୱ ପାଇଁ ଅନୁକରଣୀୟ ହୋଇଛି । ତେଣୁ ଦକ୍ଷିଣ ଗୋଲାର୍ଦ୍ଧର ସ୍ୱର ଭାବେ ଭାରତ ବିଶ୍ୱ ନେତୃତ୍ୱ ଦିଗରେ ଅଗ୍ରସର ହେଉଛି କହିଲେ ଅତ୍ୟୁକ୍ତି ହେବନାହିଁ । ଅତୀତରେ ନାମ୍ ଠାରୁ ଆରମ୍ଭ କରି ମିଳିତ ଜାତିସଂଘ ପର୍ଯ୍ୟନ୍ତ ସବୁଠାରେ ଭାରତ ତୃତୀୟ ବିଶ୍ୱର ସ୍ୱର ଭାବେ ରହି ଆସିଥିଲା । ଭାରତର ନିର୍ବିବାଦୀୟ ନେତୃତ୍ୱକୁ ମଧ୍ୟ ଏସିଆ ଠାରୁ ଆଫ୍ରିକା, ଲାଟିନ୍ ଆମେରିକୀୟ ରାଷ୍ଟ୍ରମାନେ ଗ୍ରହଣ କରିଥିଲେ । ଏବେ ବିଶ୍ୱର ଏକ ପ୍ରମୁଖ ସ୍ୱର ଭାବେ ଭାରତର ଉତ୍‌ଥାନ ଏହାର ସ୍ଥିତିକୁ ଅଧିକ ସୁଦୃଢ଼ କରିଛି । ତେଣୁ ଭାରତ ଯାହା କହିବ ତାହା ସମଗ୍ର ବିଶ୍ୱ ପାଇଁ ଗ୍ରହଣୀୟ ହୋଇପାରିବ । ବିକାଶଶୀଳ ରାଷ୍ଟ୍ରଙ୍କ ପାଇଁ କଣ କରଣୀୟ ଏବଂ ବିକଶିତ ରାଷ୍ଟ୍ରମାନଙ୍କର କଣ କର୍ତ୍ତବ୍ୟ ତାହା ସହଜରେ ନିର୍ଦ୍ଧାରିତ ହୋଇପାରିବ ।

ବୈଷ୍ଣବ ମେହେର

ନିଆରା ପର୍ବ ମକର

ସଂକ୍ରାନ୍ତି ହେଉଛି ସୂର୍ଯ୍ୟଙ୍କ ସଂକ୍ରମଣ ବା ଗୋଟିଏ ରାଶିରୁ ଅନ୍ୟ ରାଶିକୁ ଚଳନ କରିବାର ଦିନ । ପ୍ରତି ସଂକ୍ରାନ୍ତିରେ ସୂର୍ଯ୍ୟ ଗୋଟିଏ ଲେଖାଏଁ ରାଶିକୁ ଗମନ କରି ଉକ୍ତ ରାଶିରେ ଏକ ମାସ ଅବସ୍ଥାନ କରନ୍ତି । ମକର ସଂକ୍ରାନ୍ତି ଦିନ ସୂର୍ଯ୍ୟ ଉତ୍ତରାୟଣ ହୋଇ ଧନୁ ରାଶିରୁ ମକର ରାଶିକୁ କ୍ରମଶଃ ଗମନ କରିଥାନ୍ତି । ଏହି ଦିନ ସୂର୍ଯ୍ୟ ଉତ୍ତରଦିଗକୁ ଯାତ୍ରା କରି ଛଅମାସ ଅବସ୍ଥାନ କରୁଥିବା ବେଳେ ଏହି ସମୟରେ ବିବାହ, ବ୍ରତ, ଯଜ୍ଞାନୁଷ୍ଠାନ, ଗୃହ ଓ ମନ୍ଦିର ପ୍ରତିଷ୍ଠା ଆଦି ଶୁଭ କର୍ମ ପାଇଁ ପ୍ରକୃଷ୍ଟ ସମୟ ବୋଲି ଧରାଯାଏ । ଏହି ସମୟରେ କରାଯାଉଥିବା ପୁଣ୍ୟ କର୍ମର ଶହେ ଗୁଣ ଭଲ ଫଳ ମିଳିଥାଏ ବୋଲି ବିଶ୍ୱାସ କରାଯାଏ । ଆଲୋକ, ଜୀବନ ଓ ସକଳ ଶକ୍ତିର ଆଧାର ସୂର୍ଯ୍ୟଙ୍କୁ ବିଶେଷତଃ ହିନ୍ଦୁ ପରମ୍ପରା ଅନୁଯାୟୀ ମକର ସଂକ୍ରାନ୍ତି ତିଥିରେ ପୂଜାର୍ଚ୍ଚନା କରାଯାଏ । ସୂର୍ଯ୍ୟଙ୍କ ଉପାସନା ଦ୍ୱାରା ଶାରୀରିକ, ଭୌତିକ ଓ ମାନସିକ ସମସ୍ୟାରୁ ମୁକ୍ତି ମିଳିଥାଏ । ମକର ସଂକ୍ରାନ୍ତିରୁ ପ୍ରକୃତିରେ କ୍ରାନ୍ତିର ପ୍ରାରମ୍ଭ ହେବା ସହ ଦିବ୍ୟ ବାତାବରଣ ସୃଷ୍ଟି ହେବା ସହ ଜନଜୀବନରେ ନୂତନ ଉନ୍ମାଦନା ଓ ଆଶାର ସଂଚାର ହେଉଥିବାରୁ ମଣିଷ ଜୀବନ ଉପରେ ମକର ସଂକ୍ରାନ୍ତି ପର୍ବର ବହୁଳ ପ୍ରଭାବ ରହିଛି ।

ମକର ସଂକ୍ରାନ୍ତିକୁ ନେଇ ଭାରତୀୟ ସଂସ୍କୃତିରେ ଏକାଧିକ ବିଶ୍ୱାସ ରହିଛି । ଏହି ଦିନ ଗଙ୍ଗାମାତା ଭାଗୀରଥିଙ୍କ ପଛେପଛେ ଆସି ସାଗରରେ ମିଶିଥିଲେ । ଏହି ତିଥିରେ ମାତା ଯଶୋଦା ଶ୍ରୀକୃଷ୍ଣଙ୍କୁ ପାଇବା ପାଇଁ ବ୍ରତ ରଖିଥିଲେ । ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ସମୟରେ ଯେଉଁ ମାନଙ୍କର ପରଲୋକ ଘଟିଥାଏ, ସେମାନଙ୍କର ସ୍ୱର୍ଗଲୋକ ପ୍ରାପ୍ତ ହୁଏ ବୋଲି ମଧ୍ୟ ବିଶ୍ୱାସ କରାଯାଏ । ସେଥିପାଇଁ ସୂର୍ଯ୍ୟ କର୍କଟ କ୍ରାନ୍ତିରେ ଥିବା ଯୋଗୁଁ ଇଚ୍ଛାମୃତ୍ୟୁ ବରଦାନ ପାଇଥିବା ପିତାମହ ଭୀଷ୍ମ ଯୁଦ୍ଧଭୂମିରେ ଶରଶଯ୍ୟାରେ ପଡ଼ି ରହି ଶରୀର ତ୍ୟାଗ ପାଇଁ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ବା ମକର ସଂକ୍ରାନ୍ତିକୁ ଅପେକ୍ଷା କରିଥିଲେ । ଏହି ଦିନ ଚାଉଳ ଓ ଡାଲିରେ ତିଆରି ଖେଚେଡ଼ି ଖାଇବାର ସ୍ୱତଂତ୍ର ମହତ୍ତ୍ୱ ରହିଛି । ଚାଉଳକୁ ଚଂଦ୍ରମା ଓ ଡାଲିକୁ ଶନିଙ୍କ ପ୍ରତୀକ ଭାବରେ ଗ୍ରହଣ କରାଯାଏ । ସେହିପରି

ଅନ୍ୟ ସବୁଜ ପରିବା ଗୁଡ଼ିକୁ ବୁଧଙ୍କ ପ୍ରତୀକ କୁହାଯାଏ । ଏସବୁର ସଂପର୍କ ମଙ୍ଗଳ ଓ ସୂର୍ଯ୍ୟଙ୍କ ସହ ରହିଥିବାରୁ ଏହି ସବୁର ଖେଚେଡ଼ି ସେବନ କଲେ ଏଥିସହ ସଂପର୍କିତ ଗ୍ରହଙ୍କ ସକରାତ୍ମକ ପ୍ରଭାବ ବ୍ୟକ୍ତିର ଜୀବନ ଉପରେ ପଡୁଥିବା ବିଶ୍ୱାସ କରାଯାଏ । ଏକ ପୌରାଣିକ କଥାବସ୍ତୁ ଅନୁଯାୟୀ ମକର ସଂକ୍ରାନ୍ତିରେ ରାଶି ଖାଇବାର ଅନନ୍ୟ ପରମ୍ପରା ବହୁଦିନରୁ ଚାଲିଆସିଛି । ଅନ୍ୟପକ୍ଷରେ ବୈଜ୍ଞାନିକ ଦୃଷ୍ଟି କୋଣରୁ ଯଦି ବିଚାର କରାଯାଏ ତେବେ ଏହି ସମୟରେ ଦେଶର ଅନେକ ସ୍ଥାନରେ ଶୀତ ଲହରୀ ଜାରି ରହିଥିବାରୁ ପ୍ରବଳ ଶୀତ ଅନୁଭୂତ ହେଉଥାଏ, ପୁନଶ୍ଚ ସୂର୍ଯ୍ୟ ଗୋଟିଏ ରାଶିରୁ ଅନ୍ୟ ଗୋଟିଏ ରାଶିକୁ ଗତି କଲେ ପାଣିପାଗରେ ମଧ୍ୟ ପରିବର୍ତ୍ତନ ଆସିଥାଏ । ଫଳରେ ଏହି ସମୟରେ ନାନା ରୋଗ ବ୍ୟାଧିର ଆଶଙ୍କା ରହିଥାଏ । ଅନ୍ୟପକ୍ଷେ ରାଶି ଓ ଖେଚେଡ଼ିରେ ଅନେକ ପୋଷକ ତତ୍ତ୍ୱ ରହିଥିବାରୁ ଏହା ଶରୀରକୁ ଗରମ ରଖିବା ସହ ରୋଗ ପ୍ରତିରୋଧକ କ୍ଷମତାକୁ ବୃଦ୍ଧି କରିଥାଏ । ମକର ସଂକ୍ରାନ୍ତିରେ ଶ୍ରୀମନ୍ଦିରରେ ପ୍ରଭୁ ଜଗନ୍ନାଥଙ୍କ ମଙ୍ଗଳ ଆଳତି ଓ ଅବକାଶ ନୀତି ପରେ ଶ୍ରୀଜିଉ ମାନଙ୍କର ପଟା ପହରଣ କରାଯାଇ ମକର ଲାଗି କରାଯାଏ । ଏହା ପରେ କର୍ପୂର ଲାଗି ହୋଇ ଶ୍ରୀବିଗ୍ରହ ମାନଙ୍କୁ ବେଶ କରାଯାଇଥାଏ । ବିଶ୍ୱାସ ଅନୁସାରେ ମକର ସଂକ୍ରାନ୍ତିରେ ଜଗନ୍ନାଥଙ୍କ ଦର୍ଶନ ଦ୍ୱାରା ରାଜସୂୟ ଯଜ୍ଞର ଆଳତୀ ପ୍ରାପ୍ତିର ସୌଭାଗ୍ୟ ଲାଭ କରିହୁଏ ।

ଭାରତର ବିଭିନ୍ନ ଭାଗରେ ମକର ସଂକ୍ରାନ୍ତିକୁ ଭିନ୍ନଭିନ୍ନ ନାମରେ ପାଳନ କରାଯାଇଥାଏ । ଓଡ଼ିଶା ସମେତ ଗୋଆ, ହରିଆଣା, ବିହାର, ଝାରଖଣ୍ଡ, ମଧ୍ୟପ୍ରଦେଶ, ରାଜସ୍ଥାନ, ଆଦିରେ ମକର ସଂକ୍ରାନ୍ତି ଓ କର୍ଣ୍ଣାଟକ, କେରଳ, ଆଂଦ୍ର ପ୍ରଦେଶରେ ସଂକ୍ରାନ୍ତି ପର୍ବ ଭାବରେ ପାଳନ କରାଯାଉଥିବା ବେଳେ ତାମିଲନାଡୁରେ ପୋଙ୍ଗଲ, ପଞ୍ଜାବରେ ଲୋହଡ଼ି, ହରିଆଣା ଓ ହିମାଚଳ ପ୍ରଦେଶରେ ମାଘି ଓ ଉତ୍ତର ପ୍ରଦେଶ ଓ ପଶ୍ଚିମ ବିହାରରେ ଏହାକୁ ଖିଚିଡ଼ି ସଂକ୍ରାନ୍ତି ଭାବରେ ପାଳନ କରାଯାଇଥାଏ । ସେହିପରି ବଙ୍ଗରେ ପୌଷ ସଂକ୍ରାନ୍ତି, କାଶ୍ମୀରରେ ଶିଶୁର୍ ସେକ୍ରାନ୍ତି ଏବଂ କର୍ଣ୍ଣାଟକରେ ମକର ସଂକ୍ରାନ୍ତି, ତିଲୁଡ୍ ପର୍ବ ଭାବେ ଜଣାଯାଏ ।

ମକର ସଂକ୍ରାନ୍ତି କେବଳ ଏକ ପାରମ୍ପରିକ ପର୍ବ ନୁହେଁ, ବରଂ ଭାରତୀୟ ସମାଜରେ ଭାଇଚାରା ସୃଷ୍ଟି ସହ ପରସ୍ପର ମଧ୍ୟରେ ସ୍ନେହ ପ୍ରେମ ଉଜ୍ଜୀବିତ କରିବାରେ ଏହି ପର୍ବର ପ୍ରମୁଖ ଭୂମିକା ସର୍ବଦା ରହିଆସିଛି । ଏହି ପର୍ବରେ ମକର ଚାଉଳର ବିଶେଷ ମହତ୍ତ୍ୱ ରହିଥିବା ବେଳେ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ପରସ୍ପରକୁ ମକର ଚାଉଳ ଦେଇ ମକର ବା ବନ୍ଧୁ ବସିବାର ନିଆରା ପରମ୍ପରା ଭାରତୀୟ ସମାଜରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ତିଆରିରେ ବେଶ ସହାୟକ ହୋଇପାରିଛି ।

ସିନାପାଲି,ନୂଆପଡ଼ା

ଗୋପୀନାଥ ଦାଶ

ମକର ସଂକ୍ରାନ୍ତିର ପୌରାଣିକ ମହତ୍ତ୍ୱ

ମକର ସଂକ୍ରାନ୍ତି ସୂର୍ଯ୍ୟ ଉପାସନାର ପର୍ବ । ସୂର୍ଯ୍ୟ ନାରାୟଣଙ୍କ ସ୍ତୁତି କରି ଅନ୍ଧକାରରୁ ଆଲୋକ ଆଡ଼କୁ ଯିବା ଲାଗି ଏହି ପର୍ବ ପ୍ରେରଣା ପ୍ରଦାନ କରିଥାଏ । ଏହି ପର୍ବ ଜୀବନରେ ଶୁଷ୍କତାକୁ ସମାପ୍ତ କରି ନୂତନ ଶକ୍ତି ଭରିଥାଏ । ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରିବାକୁ ମକର ସଂକ୍ରାନ୍ତି କୁହାଯାଏ । ଭାରତ ଭୂଖଣ୍ଡ ପୃଥିବୀର ଉତ୍ତର ଗୋଲାର୍ଦ୍ଧରେ ଅବସ୍ଥିତ । ମକର ସଂକ୍ରାନ୍ତି ପୂର୍ବରୁ ସୂର୍ଯ୍ୟ ଦକ୍ଷିଣ ଗୋଲାର୍ଦ୍ଧରେ ଥାଆନ୍ତି । ମକର ସଂକ୍ରାନ୍ତି ପର ଠାରୁ ସେ ଉତ୍ତର ଗୋଲାର୍ଦ୍ଧକୁ ପ୍ରବେଶ କରିଥାନ୍ତି । ଏହାର ଅର୍ଥ ପରବର୍ତ୍ତୀ ୬ ମାସ ପର୍ଯ୍ୟନ୍ତ ସୂର୍ଯ୍ୟ ଉତ୍ତର ଗୋଲାର୍ଦ୍ଧରେ ଥାଆନ୍ତି । ସୂର୍ଯ୍ୟ ନିକଟକୁ ଆସୁଥିବାର ମକର ସଂକ୍ରାନ୍ତିରେ ତାଙ୍କର ପୂଜା କରାଯାଇଥାଏ । ମକର ସଂକ୍ରାନ୍ତିର ଅନେକ ପୌରାଣିକ ମହତ୍ତ୍ୱ ରହିଛି । ସୂର୍ଯ୍ୟଙ୍କ ଉତ୍ତରାୟଣ ଠାରୁ ସମସ୍ତ ଧାର୍ମିକ କାର୍ଯ୍ୟ ଆରମ୍ଭ ହୋଇଥାଏ । ମହାଭାରତ ଯୁଦ୍ଧ ସମୟରେ ଶର ଶଯ୍ୟାରେ ଶୋଇଥିବା ପିତାମହ ଭୀଷ୍ମ ସୂର୍ଯ୍ୟଙ୍କ ଉତ୍ତରାୟଣ ହେବାକୁ ଅପେକ୍ଷା କରିଥିଲେ । ସୂର୍ଯ୍ୟ ଉତ୍ତରାୟଣ ହେବା ମାତ୍ରେ ସେ ପ୍ରାଣ ତ୍ୟାଗ କରିଥିଲେ । ପୌରାଣିକ ମାନ୍ୟତା ଅନୁଯାୟୀ ଏହି ଦିନ ଭଗବାନ ସୂର୍ଯ୍ୟ ନିଜ ପୁତ୍ର ଶନିକୁ ଦେଖା କରିବା ଲାଗି ତାଙ୍କ ଘରକୁ ଯାଇଥିଲେ । ଶନିଦେବ ମକର ରାଶିର ସ୍ୱାମୀ ହୋଇଥିବାରୁ ଏହି ଦିବସର ନାମ ମକର ସଂକ୍ରାନ୍ତି ହୋଇଥିଲା । ମକର ସଂକ୍ରାନ୍ତି ଦିନ ଦେବୀ ଗଙ୍ଗା ଭଗୀରଥଙ୍କ ପଛେ ପଛେ ଆସି କପିଳ ମୁନିଙ୍କ ଆଶ୍ରମରେ ପହଞ୍ଚିଥିଲେ । ଏହାପରେ ଭଗୀରଥଙ୍କ ବଂଶର ଉଦ୍ଧାର ହୋଇଥିଲା । ଶେଷରେ ଦେବୀ ଗଙ୍ଗା ସାଗରରେ ମିଶିଥିଲେ । ସେଥିପାଇଁ ମକର ସଂକ୍ରାନ୍ତି ଦିନ ଗଙ୍ଗାସାଗର ସ୍ନାନର ବିଶେଷ ମହତ୍ତ୍ୱ ରହିଛି ।

ଭାରତର ଅଧିକାଂଶ ଅଞ୍ଚଳରେ ମକର ସଂକ୍ରାନ୍ତି ପାଳିତ ହୁଏ । ଏକଦା ପ୍ରାଚୀନ ରୋମାନ୍ ଓ ଇହୁଦିମାନେ ମଧ୍ୟ ଏହି ପର୍ବ ପାଳନ କରୁଥିବା ଜଣାଯାଏ । ଏହି ଦିନରୁ ମାଘ ମାସ ଆରମ୍ଭ ହୁଏ । ଦକ୍ଷିଣ ଭାରତରେ ଏହା ନବ ବର୍ଷର ପ୍ରଥମ ଦିନ । ଦକ୍ଷିଣ ଭାରତୀୟମାନେ ଏହାକୁ କହନ୍ତି ପୋଙ୍ଗଲ । ପୋଙ୍ଗଲରେ ଅଗ୍ନି ଉତ୍ସବ ପାଳନ ସହ ନବ ବସ୍ତ୍ର ପିନ୍ଧାଯାଏ ଏବଂ ପିତୃପୁରୁଷଙ୍କୁ ପିଣ୍ଡଦାନ କରାଯାଏ । ମକରରେ ଓଡ଼ିଆ ଘରମାନଙ୍କରେ ହୋମ ହୁଏ । ନୂଆ ଅରୁଆ ଚାଉଳ, ନୂଆ ଗୁଡ଼, ଛେନା, ନଡ଼ିଆ, କଦଳୀ, ଘିଅ, ଖିରି ଆଦି ମିଶାଇ ମକର ଚାଉଳ ପ୍ରସ୍ତୁତ କରାଯାଏ । ଏହି ଭୋଗ ଦେବତାଙ୍କୁ ଅର୍ପଣ କଲା ପରେ ସାହି ପଡ଼ିଶାରେ ବଣ୍ଟାଯାଏ । ଏହି ଦିନରେ ଗଙ୍ଗାସାଗର ମେଳା ଅନୁଷ୍ଠିତ ହୁଏ । ମକର ସଂକ୍ରାନ୍ତିରୁ ସୂର୍ଯ୍ୟଙ୍କ ଗତି ଉତ୍ତରାୟଣ ଓ ତେଜ ପ୍ରଖର ହୁଏ । ସୂର୍ଯ୍ୟ, ମକର ରାଶିରୁ ବିଷୁବ ରେଖା ଆଡ଼କୁ ଗମନ କରନ୍ତି । ଏହି ସମୟରେ ମୃତ୍ୟୁ ହେଲେ, ଦେବଲୋକ ପ୍ରାପ୍ତ ହେଉଥିବା ଏକ ହିନ୍ଦୁ ବିଶ୍ୱାସ । ପିତାମହ ଭୀଷ୍ମ ଇଚ୍ଛାମୃତ୍ୟୁ ବର ପାଇଥିଲେ । ସେ ଶରଶଯ୍ୟାରେ, ସୂର୍ଯ୍ୟଙ୍କ ଉତ୍ତରାୟଣକୁ ଅପେକ୍ଷା କରିଥିଲେ ।

କ୍ରୀଡ଼ା ଶିକ୍ଷକ, ହରିହରାନନ୍ଦ ବାଳାଶ୍ରମ, ଅରୁଆ କଦଳୀବଣ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା,
ମୋ : ୮୮୯୫୨୯୬୧୬୭

ଡ଼ଃ.ଅରୁନ୍ଧତୀ ଦେବୀ

ଭାଷା ଆନ୍ଦୋଳନର ଅନ୍ୟତମ ବିନ୍ଧାଣୀ : ଫକୀରମୋହନ ସେନାପତି

୧୮୪୩ ମସିହା ପବିତ୍ର ମକର ସଂକ୍ରାନ୍ତି ଅବସରରେ ଜନ୍ମ ଗ୍ରହଣ କରିଥିଲେ ଓଡ଼ିଶା ମାଟିର ଅନ୍ୟତମ ବରପୁତ୍ର ଫକୀର ମୋହନ ସେନାପତି । ବାଲେଶ୍ୱର ଜିଲ୍ଲା ମଲ୍ଲିକାଶପୁର ଗାଁର ଲକ୍ଷଣ ଚରଣ ସେନାପତି ଓ ତୁଳସୀ ଦେବୀଙ୍କ ଔରସରୁ ଜନ୍ମିତ ଫକୀର ମୋହନ ଓଡ଼ିଆ ଭାଷା ସାହିତ୍ୟ ପ୍ରତି ଦେଇ ଯାଇଥିବା ଅବଦାନ ଚିରସ୍ମରଣୀୟ । ଓଡ଼ିଆ ଭାଷା ଅସ୍ତିତ୍ୱ ରକ୍ଷା କରିବା ଲାଗି ସଂଘର୍ଷ କରୁଥିବାବେଳେ ନିଜର ଅମର ଲେଖନୀ ଚାଳନା କରି ଫକୀର ମୋହନ ଭାଷା ଓ ଜାତିର ଉଦ୍ଧାର କରିଥିଲେ । ମଧୁବାବୁ, ଗୋପବନ୍ଧୁ ଓ କବିବରଙ୍କ ସହ ମିଶି ସେ ଓଡ଼ିଆ ଭାଷା ଆନ୍ଦୋଳନକୁ ସଫଳ କରାଇପାରିଥିଲେ । ଫକୀର ମୋହନ ଥିଲେ ପ୍ରଥମ ଓଡ଼ିଆ କ୍ଷୁଦ୍ର ଗଳ୍ପ 'ରେବତୀ'ର ଲେଖକ । ଖୁବ୍ ପିଲାବେଳୁ ପିତାମାତାଙ୍କୁ ହରାଇଥିବା ଫକୀରମୋହନ ଅର୍ଥାଭାବାରୁ ଅଧାରୁ ପାଠ ପଢ଼ା ଛାଡ଼ିଥିଲେ । ତାଙ୍କ ଶରୀର ସବୁବେଳେ ଅସୁସ୍ଥ ରହୁଥିଲା । ଜେଜେମା'ଙ୍କ ଲାଳନପାଳନରେ ତାଙ୍କର ପିଲା ଦିନ କଟିଥିଲା । ମାଇନର ପାସ୍ କରି ବାଲେଶ୍ୱରର ବାରବାଟୀ ସ୍କୁଲରେ ପାଠ ପଢ଼ା ଜାରି ରଖିଥିବାବେଳେ ତାଙ୍କୁ ଅଧାରୁ ପାଠ ପଢ଼ା ଛାଡ଼ିବାକୁ

ମୁକୁଳ କଳି

କାର୍ତ୍ତିକ ସାଇଁ

ମିନା ଅପାଙ୍କ ରାମାୟଣ ଝୁଙ୍ଗି (୭୧)

ସେତୁ ବନ୍ଧନ



(ପୂର୍ବ ପ୍ରକାଶିତ ଉତ୍ତାରୁ)

"ଲଙ୍କାରେ ପ୍ରବେଶ ଲାଗି ବାଟ ଫିଟିଗଲା । ଶ୍ରୀରାମ ଅନେଇଦେଲେ ତାଙ୍କ ମାନର ସେନା ବାନ୍ଧିଥିବା ସେତୁ ବନ୍ଧ ଆଡ଼େ । ସେ ଅନେଇଲେ ବିଶ୍ୱକର୍ମାଙ୍କ ପୁତ୍ର ନଳଙ୍କ ଆଡ଼େ । ସମସ୍ତଙ୍କୁ ଧନ୍ୟବାଦ ଦେଲେ ।" ମିନା ଅପା ରାମାୟଣ କଥା ଆରମ୍ଭ କଲେ ।

"ସେତୁ ବନ୍ଧରେ ଯାତ୍ରା ଆଗରୁ ଶ୍ରୀରାମ ସେତୁବନ୍ଧର ପ୍ରତିଷ୍ଠା କଲେ ଓ ତାପରେ ସେନା ବାହିନୀ ସହିତ ସେତୁବନ୍ଧରେ ଯାତ୍ରା ଆରମ୍ଭ କଲେ ।" ଭାରତରୁ ଏକ ବନ୍ଧ ବନ୍ଧାଗଲା ଲଙ୍କାକୁ (ଏବକାର ଶ୍ରୀଲଙ୍କାକୁ) । ରାମେଶ୍ୱରମଠାରୁ କିଛି ଦୂରରେ ସମୁଦ୍ର କୂଳରେ ଅଛି ଗୋଟେ ଯାଗା ଯାହାର ନାମ ଧନୁଷକୋଡ଼ି ।

ବିଶ୍ୱାସ କରାଯାଏ ଏହି ଯାଗାରୁ ସେତୁବନ୍ଧ ବନ୍ଧା ଯାଇଥିଲା । ଏହାର ସତ୍ୟତା ପ୍ରମାଣ କରିବାକୁ ଅନେକ ଉପଗ୍ରହ ଚିତ୍ର ଉଠେଇଛନ୍ତି ଓ ସମୁଦ୍ର ଭିତରେ ବୁଡ଼ି ରହିଥିବା ଏକ ସେତୁର କିଛି ଅଂଶ ଦେଖିଛନ୍ତି । ଏ ସବୁ କଥା ପ୍ରମାଣ କରେ ଯେ ରାମାୟଣ କଥା କାଳ୍ପନିକ ନୁହେଁ । ହଜାର ହଜାର ବର୍ଷ ପୂର୍ବେ ଘଟିଥିବା ଘଟଣାର ଅନେକ ପ୍ରମାଣ ଆଜି ବି ଜୀବିତ ।

ହନୁମାନ ଶ୍ରୀରାମଙ୍କୁ କାନ୍ଧରେ ବସେଇ ଅଙ୍ଗଦ ଲକ୍ଷ୍ମଣଙ୍କୁ କାନ୍ଧରେ ବସେଇଥିଲେ । ହର୍ଷୋଲ୍ଲାସ କରି ବାନର ସେନା ସେମାନଙ୍କ ଅନୁସରଣ କରିଥିଲେ ।

ଲଙ୍କାରେ ପ୍ରବେଶ ଆଗରୁ ଶ୍ରୀରାମ ମିତ୍ର ସୁଗ୍ରୀବ ଓ ଅନ୍ୟମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ- ଆମ ସେନା ଓ ଆମ ଲାଗି ଉପଯୁକ୍ତ ଖାଦ୍ୟ ଓ ପାନୀୟ ଜଳ ମିଳିବା ଆବଶ୍ୟକ । ସେଥିଲାଗି ଆମ ଶିବିର ଉପଯୁକ୍ତ ସ୍ଥାନରେ ପ୍ରତିଷ୍ଠା କର ।

ଶ୍ରୀରାମଙ୍କ କଥାକୁ ଧ୍ୟାନ ସହାକାରେ ସମସ୍ତେ ଶୁଣିଥିଲେ ।

ଲଙ୍କାରେ ରାବଣର ନିଦ ହଜି ଯାଇଥିଲା । ସେ ସ୍ୱପ୍ନରେ ବି ଭାବିନଥିଲା କି ତାକୁ କେହି ଯୁଦ୍ଧ ଲାଗି ଆହ୍ୱାନ ଦେଇ ପାରିବ । ବଳଶାଳୀ ରାବଣ କେବଳ ଜଣେ ମହାନ ଯୋଦ୍ଧା ନଥିଲା, ସେ ଥିଲା ପ୍ରଖର ବୁଦ୍ଧିମାନ ଓ ଜ୍ଞାନୀ । ସେ ବିଶ୍ୱାସ କରୁପାରୁନଥିଲା ଯେ ଦୁଇଜଣ ମଣିଷ ଓ ତାଙ୍କ ବାନର ସେନା ଲଙ୍କା ଆକ୍ରମଣ କରିପାରିବେ । ସମୁଦ୍ର ମଝିରେ ଥିଲା ରାବଣର ସାମାଜ୍ୟ ଲଙ୍କା । ବେଶ ସମୃଦ୍ଧ ଓ ସୁରକ୍ଷିତ ଥିଲା ଲଙ୍କା । ରାବଣ ନିଜର ପୁଷ୍ପକ ବିମାନରେ ସବୁଆଡ଼େ ଯାଇ ପାରୁଥିଲା । ନିଜର ବାହୁ-ବଳରେ ସେ ତ୍ରିଭୂବନକୁ ନିଜ ଅଧୀନରେ ଆଣିଥିଲା ।

ରାବଣ ଚୁପ୍ ହୋଇ ବସି ରହିଲାନି । ସେ ତାର ଗୁପ୍ତଚରଙ୍କୁ ଶ୍ରୀରାମଙ୍କ ସେନାର ଆକଳନ କରିବାକୁ ପଠାଇଲା । ସେହି ସୂତ୍ରରେ ଗୁପ୍ତଚର ଶୁକ ଓ ସାରଣଙ୍କୁ ଶ୍ରୀରାମଙ୍କ ସେନାବାହିନୀ ପାଖକୁ ପଠାଇଲା । ଶୁକ ସାରଣ ଛଦ୍ମ ବେଶ ଧରି ଶ୍ରୀରାମଙ୍କ ସେନା ଛାଉଣିରେ ପ୍ରବେଶ କଲେ ଓ ଫେରିଯାଇ ରାବଣକୁ ସବୁ ବୃତ୍ତାନ୍ତ କହିଲେ । ସେମାନଙ୍କ ବର୍ଣ୍ଣନା ଶୁଣି ରାବଣ ଡରିଗଲା । ମାତ୍ର ସେ ତାର ଅହଂଭାବ ଛାଡ଼ିବାକୁ ପ୍ରସ୍ତୁତ ନଥିଲା ।

ରାବଣ ଆଉ ଜଣେ ଗୁପ୍ତଚର ଶାର୍ଦ୍ଦୂଳକୁ ମଧ୍ୟ ପଠାଇ ଶ୍ରୀରାମଙ୍କ ସେନାର ଆକଳନ କରିବାକୁ ଚାହିଁଲା । ଶାର୍ଦ୍ଦୂଳକୁ ବିଭୀଷଣ ଚିହ୍ନି ପାରିଲେ । ତାକୁ ଦଣ୍ଡ ଦେଇ ରାବଣ ପାଖକୁ ପଠାଇ ଦିଆଗଲା । ଭୟରେ ରାବଣ ଲଙ୍କାପୁରୀର ସମସ୍ତ ପ୍ରବେଶ ଦ୍ୱାର ବସୀ ରାବଣ କୌଣସି ପ୍ରକାରେ ସୀତାଙ୍କୁ ପାଇବାକୁ ଇଚ୍ଛା କରୁଥିଲା । ତାର ସମସ୍ତ ଚେଷ୍ଟା ବିଫଳ ହେଉଥିଲା । ଏହି ସମୟରେ ତା ମୁଣ୍ଡକୁ ଆଉ ଏକ ବୁଦ୍ଧି ଜୁଟିଲା । ସେ ରାମଙ୍କ ମାୟାମୁଣ୍ଡ ତିଆରି କରି ସୀତାଙ୍କ ପାଖରେ ପହଂଚିଲା ଓ ସୀତାଙ୍କୁ ଏକଥା ସୂଚନା ଦେଲା ସେ ଯୁଦ୍ଧରେ ଶ୍ରୀରାମଙ୍କୁ ହତ୍ୟାକରି ତାଙ୍କ ମୁଣ୍ଡ କାଟି ନେଇ ଆସିଛି । ମାୟାମୁଣ୍ଡ ସଂପୂର୍ଣ୍ଣ ରୂପେ ରାମଙ୍କ ମୁଣ୍ଡପରି ଥିଲା । ଏହାକୁ ଦେଖି ସୀତା ଦୁଃଖରେ ରୋଦନ କରିବାକୁ ଲାଗିଲେ । ରାବଣ ଗଲାପରେ ସୁରମା ନାମକ ଅସୁରୀ ସୀତାଙ୍କୁ ପ୍ରବୋଧନ ଦେଲା ଓ ରାବଣର ମାୟା ସଂପର୍କରେ କହିଲା । ସୁରମା କଥାଶୁଣି ସୀତା ଧୈର୍ଯ୍ୟ ଧରିଲେ ।

ଲଙ୍କା ନଗରୀଠାରୁ କିଛି ଦୂରରେ ଶ୍ରୀରାମ ତାଙ୍କ ସେନା ଛାଉଣି ପକାଇ ଯୁଦ୍ଧ ଆରମ୍ଭ ଲାଗି ଅପେକ୍ଷା କରିଥିଲେ । ସେ ମିତ୍ର ସୁଗ୍ରୀବ ବିଭୀଷଣ ଓ ଅନ୍ୟମାନଙ୍କ ସହିତ ବିଚାର ବିମର୍ଶ କରୁଥିଲେ । ଯୁଦ୍ଧ ଆରମ୍ଭ ପୂର୍ବରୁ ସେ ରାବଣକୁ ଏକ ଶେଷ ସୁଯୋଗ ଦେବାକୁ ଚାହୁଁଥିଲେ । "ସେ ଭୁଲ ମାଗୁ ଓ ପ୍ରାୟଶ୍ଚିତ କରୁ । ସୀତାଙ୍କୁ ସସମ୍ମାନେ ମୁକ୍ତ କରୁ ।" ଏହା ଚିନ୍ତା କରୁଥିଲେ ଶ୍ରୀରାମ ।

ଯୁଦ୍ଧରୁ କ୍ଷାନ୍ତ ରହିବାକୁ ରାବଣକୁ ତା ମାତାମହ ମାଲ୍ୟବାନ ଉପଦେଶ ଦେଇଥିଲେ । ମାତ୍ର ରାବଣର ଗର୍ବ ଓ ଅହଂଭାବ କାହାର ଉପଦେଶ ଶୁଣିବାକୁ ପ୍ରସ୍ତୁତ ନଥିଲା ।

ମିନା ଅପା ରାମାୟଣ କଥା ଏଇଠି ରଖିଲେ ।

(କ୍ରମଶଃ)

+ମୋ: ୯୯୮୦୩୦୦୭୫୧

ନଗେନ୍ଦ୍ର ନାଥ ପଟ୍ଟନାୟକ

ଜେଜେଙ୍କ ଜୋତା

ନାତିଆ ବଂଶ ହାତରୁ ଦାମୀ ଜୋତା ହଳେ ପାଇ ଜେଜେ କୃଷ୍ଣକୁମାର ଖୁସିରେ ଗଦ୍‌ଗଦ୍ ହୋଇଉଠିଲେ । ସୁଦୂ ନୂଆ ଜୋତା ପାଦ ଯୋଡିକରେ ଭର୍ତି କରିବା ବେଳେ ତାଙ୍କ ଆଖି ହଳକରୁ ଖୁସିର ଲୁହଧାରା ବୋହିବା ଦେଖି ନାତି ବଂଶ ଚମକିପଡିଲା । ପିଠିରେ ହାତରଖି ବଂଶ ପୁଛା କରନ୍ତେ କୃଷ୍ଣକୁମାର ନାତିଆ ଟୋକାକୁ ପହିଲେ ଟିକେ ଗେଲକଲେ । କହିଲେ -ମୋର ପିଲାଦିନ କଥା ମନେ ପଡିଗଲା । ସେତେବେଳେ ମୁଁ ଫୁଙ୍ଗୁଳା ପାଦରେ ଘୂରି ବୁଲୁଥିଲି । ବକେଟରୁ ବଡ ହେଲାରୁ ପାଦରେ ଜୋତା ପିନ୍ଧିଲି, ଯାହାକି ସେ ସମୟରେ ଖୁବ୍ କମ୍ ପିଲାଙ୍କ ଭାଗ୍ୟରେ ଜୁଟୁଥିଲା ।

ବଂଶ ତାଟକା ହୋଇ ଡବଡବ ଆଖିରେ ଅନେଇ କହିଲା - 'କଅଣ ! ଜୋତା ପିନ୍ଧୁନଥିଲ ? ପୁଣି ଘରେ ପଦାରେ ଯାଆଆସ କରୁଥିଲ କେମିତି ?' ଆରେ ଦିନସାରା ଘରୁ ଗୋଡକାଢି ବାହାରେ ରହିବାକୁ ପଡୁଥିଲା । ଓଡିଶା ରାଜ୍ୟର ଅଗଣାରେ ଗୋଟିଏ ଛୋଟିଆ ଗାଁ । ଛୋଟବଡ ମିଶି ପଚାଶ ସରିକି ଘର । ଏହି ଛୋଟିଆ ସଂସାରରେ ଆମେ ସବୁ ବେଶ୍ ସୁଖଶାନ୍ତିରେ ବସବାସ କରୁଥିଲୁ । ମୁଁ ବସ୍ତାନିରେ ଗୋଟେ ସିଲଟ ଆଉ ବହିଟେ ନେଇ ବିଦ୍ୟାଳୟକୁ ଯାଏ । ପଂଚମ ଶ୍ରେଣୀର ବିଦ୍ୟାର୍ଥୀ । ଶ୍ରେଣୀରେ ଏକା ଗୁରୁଜୀ ପଢାନ୍ତି । ତା'ଉପର ଶ୍ରେଣୀର ପାଠ ପଢିବା ଲାଗି ଅନ୍ୟ ଏକ ଗାଁରେ ଥିବା ସ୍କୁଲକୁ ଯିବାକୁ ପଡୁଥାଏ । ସେଥିପାଇଁ ଅଧିକାଂଶ ପିଲା ଅଧାରୁ ପାଠ ଛାଡି ଦେଇଥିଲେ । ଛୋଟ ସହରରେ ଥିବା ବିଦ୍ୟାଳୟରେ ମୋ ନାମ ଷଷ୍ଠ ଶ୍ରେଣୀରେ ଲେଖାଇବାକୁ ବାପା ମନ ବଳାଇଲେ । ଏହା ଆଗରୁ ଗାଁରେ କେହି ଜଣେ ବି ସହରକୁ ପାଠ ପଢିବାକୁ ଯାଇନଥିଲେ । ସେଥିପାଇଁ ମୋ ପିନ୍ଧିବା ଲାଗି ହଳେ ସାର୍ଟ ପ୍ୟାଂଟ ଦର୍ଜି ପାଖରୁ ସିଲେଇ କରାଇ ଆଣିଲେ ବାପା । ତା ସହିତ କଳା ମଟ୍‌ମଟ୍ ଚମଡା ତିଆରି ଜୋତା ହଳେ ବି ମଗାଇଲେ । କଳା ଚିକ୍‌ମିକ୍ ଜୋତା ହଳକ ପାଦରେ ପନ୍ଧିବା ମାତ୍ରେ ମୋ କଳ୍ପନା ଯେମିତି ସାକାର ହେଲାଭଳି ଲାଗିଲା । ଜୋତା ପିନ୍ଧି ଗର୍ବରେ ଛାତି ଫୁଲେଇ ମୁଁ ବୁଲାବୁଲି କଲି ଘରସାରା । ଫେର ଠକଠକ ଶବ୍ଦ କରି ଘରକୁ ଘର ବୁଲି ଦେଖାଇଲି । ସାରା ଗାଆଁର ସାନବଡ ଲୋକଙ୍କୁ ନ ଦେଖାଇବା ପର୍ଯ୍ୟନ୍ତ ମତେ ଆରାମ ମିଳୁ ନଥିଲା । ଓହୋ ! ସେକାଳ କି ଥିଲା ମ, ଜୀବନରେ ଆଗକୁ ପ୍ରେରଣା ଲାଭ କରିବା ସୋପାନର ପ୍ରଥମ ଯୋଗଦାନ ଥିଲା ସେ ଜୋତାର । ଏହା ପୂର୍ବରୁ ଯାହାକିଛି ହାତକୁ ଆସୁଥିଲା ତାହା ଯଥେଷ୍ଟ ବୋଲି ବିଚାର କରାଯାଉଥିଲା । ନୂଆ ବିଦ୍ୟାଳୟ ଆଉ ନୂଆ ସାଙ୍ଗସାଥୀଙ୍କ ସଙ୍ଗରେ ଛାତ୍ରାବାସରେ ପ୍ରଥମ ଛ'ବର୍ଷରେ ବୁଝିବିଚାରିବା ଏକଦମ୍ ନୂତନ ରୂପ ଧାରଣ କଲା । ସେ ନୂତନ ଚିନ୍ତାଧାରା, ବିଚାର ନୂଆ ଦୁନିଆରେ ଏମିତି ପରିଚୟ ଦେଲା ଗାଁ ଆଉ ଘରକୁ ଅଣଦେଖା କରାଇଲା । ସହରରେ ଭଲ ଚାକିରି ଖଣ୍ଡିକ ପୂରା ପରିବାରକୁ ସହର ବୁଲାଇ ନେଲା । ସୁନାର ଫସଲରେ ହସୁଥିବା ବିଲବାଡି ସବୁ ବିକାବିକି କଲାରୁ ଗାଁକୁ ଯାଆଆସ ସଂପୂର୍ଣ୍ଣ ଭାବେ ଠପ୍ ହୋଇଗଲା । ପହିଲେ ମୁଁ ଯୋଉ କଳା ମଚମଚ ବୁଟ ହଳକ ପିନ୍ଧି ଆନନ୍ଦ ପାଇଥିଲି ଆଜି ଏ ଦାମୀ ଜୋତା ହଳକ ପିନ୍ଧି ସେ ଖୁସି ମିଳୁନାହିଁ । ଭାବୁଚି ଏ ଜୋତା ନିଜେ ପିନ୍ଧିବା ପରିବର୍ତେ ଗାଁକୁ ଯାଇ ଗରିବ ଓ ଅଭାବୀ ପିଲାକୁ ଦାନ କରିଦେବି

'ଜେଜେ ! ତୁମେ ଏବେ ନିଜ ଇଚ୍ଛା ପ୍ରକାଶ କରିଛି ମାନେ ନିଶ୍ଚୟ ତାହା ପୂରଣ ହେବ । ଆସନ୍ତା ମାସରେ ଆମେ ସମସ୍ତେ ଗାଁକୁ ଯିବା ଏବଂ ତମ ହାତରେ ଏ ପୁଣ୍ୟକର୍ମ ସମ୍ପନ୍ନ କରିବା । ଦେଖୁଦେଖୁ କୃଷ୍ଣକୁମାରଙ୍କ ଆଖିରେ ଲୁହ ଜକେଇ ଆସିଲା । ଗଙ୍ଗା ଯମୁନା ଭଳି ଧାରଧାର ଲୁହ ଝରିବାକୁ ଲାଗିଲା । କିନ୍ତୁ ଏଥର ଜେଜେଙ୍କ ଓଠରୁ ମୁକ୍ତା ଭଳି ଝରି ପଡୁଥିବା ମିଠାହସ ଚମତ୍କାର ରୂପ ଧାରଣ କରୁଥିଲା ।

+ଓସ୍କାର ସିଟି, ଲକ୍ଷ୍ମୀସାଗର
କେନାଲ ରୋଡ,
ଭୁବନେଶ୍ୱର,
ମୋ-୯୪୩୮୩୩୨୧୩୮

କବିତା

ତୁମ ପାଇଁ

ଆମେ ସବୁ ପରା ଭାଇ ଓ ଭଉଣୀ

ଶରତ କୁମାର ଦାସ

କୁଳୁକୁଳୁ ହୋଇ ବହିଯାଏ ନଈ
ଏହି କଥା କହି କହିରେ,
ଆମେ ପରା ସବୁ ଭାଇ ଓ ଭଉଣୀ
ଜନମିଛୁ ଏଇ ମହୀରେ ।

ଜାତି ଧରମର ଭେଦଭାବ ନାହିଁ
ଏଇ ମାଟି ଆମ ମାଆରେ
କୋଳରେ ଧରି ସେ ପାଳିଛି ହରଷେ
ସେଇ ପରା ଆମ ସାହାରେ
ତା' ସ୍ନେହ ଶରଧା ଫାଶରେ ତ ବନ୍ଧା
ମଥା ଆମ ଯାଏ ନଇଁରେ
କୁଳୁକୁଳୁ ହୋଇ ବହିଯାଏ ନଈ
ଏହି କଥା କହି କହିରେ ।

ମଧୁର ମଧୁର ଭାଷାଟି ତାହାର
ସଦା ହସ ହସ ମୁହଁଟି,
ମମତାରେ ଭରା ହୃଦୟଟି ତାର
ସତେ ନିରିମଳ ସୁଅଟି
କେତେ ସୁଖଶିରୀ ଧରିଛି ସରାଗେ
ଦୁଃଖ କଷଣକୁ ସହିରେ
କୁଳୁକୁଳୁ ହୋଇ ବହିଯାଏ ନଈ
ଏହି କଥା କହି କହିରେ ।

ଅଇରୀ ସାଥିରେ ଲଢିବା ପାଇଁକି
ଶରୀରେ ଦେଇଛି ଶକତି,
ହାତ ଧରି ସିଏ ଦେଖାଇଛି ବାଟ
ମନରେ ଭରିଛି ଭକତି
ତା' ସେବା କରିକି ଯାଉ ଏ ପରାଣ
ଆନନ୍ଦ ଲଭିବା ତହିଁରେ
କୁଳୁକୁଳୁ ହୋଇ ବହିଯାଏ ନଈ
ଏହି କଥା କହି କହିରେ ।

+ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

ଆଜି ମକର

ନୀଳମଣି ଚାନ୍ଦ

ଆଜି ମକର
ଦିନ ବଢ଼ିବରେ ହୋଇ ବକର
ବଢିଆ ଯୋଗ
ହେବ ଗୁଡ଼, ଛେନା, ଚାଉଳ ଭୋଗ ।
ନଭ ତପନ
ମକର ରାଶିକୁ କଲେ ଚଳନ
ଉତ୍ତରାୟଣ
ଗତି ହେବ ତାଙ୍କ କହେ ନାରଣ ।
ପୋଙ୍ଗଲ, ଭୋଗୀ
ପରବଟି ଆଜି କା' କାହା ଲାଗି
ଟୁସୁ ପରବ
ମନେଇକି ଡୋରା କରେ ଗରବ ।
ମକର ମେଳା
ଚାଲିଛିରେ ଗଞ୍ଜା ଲଢେଇ ଖେଳା
ଛାଡ଼ରେ ଗୁଡ଼ି
ଲାଞ୍ଚ ହଲେଇକି ଯାଉ ସେ ଉଡ଼ି ।
ଏ ଶୁଭଦିନ
'ବ୍ୟାସକବି' ନେଇଥିଲେ ଜନମ
ଭୁଲିବା ନାଇଁ
କଥା ସମ୍ରାଟ ସେ ଆମରିପାଇଁ ।
ଆଜି ମକର
ଦିନା, ଡୁଗୁ, ଡୁପୁ, ଡେରି ନ କର
ନିଅ ତା ମଜା
କାହିଁକି ପାଳିବା କହିବେ ଅଜା ।

+ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭

ନୂଆ ବରଷ ନୂଆ ପରଶ

ଧ୍ରୁବ ଚରଣ ଘିବେଲା

ନୂଆ ବରଷ ନୂଆ ପରଶ
ପରଶମଣି ପରି
ସଭିଙ୍କୁ ଛୁଇଁ ହସି ମଜେଇ
ସୁଖ ଦେଉ ସେ ଭରି ।
ନୂଆ ବରଷ ନୂଆ ହରଷ
ଜାଗୁରେ ଜାଗୁଥାଉ
ସବୁରି ପ୍ରାଣେ ହରଷ ଜାଗି
ହରଷ ଭରୁଥାଉ ।
ନୂଆ ବରଷ ନୂତନ ଆଶ
ଜାଗୁ ମନ ପ୍ରାଣରେ
ଆଶାରେ ରହି ପୂରଣ ଦିଗେ
ଥାଇ ପ୍ରତି କ୍ଷଣରେ ।
ନୂଆ ବରଷ ନୂଆ ସରସ
ସବୁରି ମନେ ଜାଗୁ
ତେଜି ଉଦାସ ସଦା ସରସ
ମନରେ ଖୁସି ଜାଗୁ ।
ନୂଆ ବରଷ ନୂତନ ବେଶ
ସବୁଠି ଡୋରା ଡୋରା
ସୁନ୍ଦର ରୂପ ସୁନ୍ଦର ହସ
ସବୁ ତ ମନଲୋଭା ।
ନୂଆ ବରଷ ନୂଆ ସନ୍ଦେଶ
ସବୁରି ମନେ ଭରୁ
ନୂଆ ଉତ୍ସାହ ମନରେ ଭରି
ହେବାନି ଜମା ଭୀରୁ ।
ନୂଆ ବରଷ ନୂଆ ଚମକ
ସବୁଠି ଖେଳି ଯାଉ
ମନ ରାଇଜେ ହୃଦ କନ୍ଦରେ
ଚମକ ଭରି ଥାଉ ।
ନୂଆ ବରଷ ଦିଅ ଆଶିଷ
ହେବୁ ଆମେ ମଣିଷ
ତୁମ ଆଶିଷ ଲୋଡ଼ିବୁ ନିତ୍ୟ
ଲଭିବୁ ନିଶ୍ଚେ ଯଶ ।

+ବଉଦରାଜ, ବୌଦ୍ଧ
ପିନ - ୭୬୨୦୧୪
ମୋ: ୯୪୩୭୪୭୮୪୬୬

ବୁଝିଲା ଲଗାଇ ମଥା

କୀର୍ତ୍ତନ ସାହୁ

ପକ୍ଷୀଟିଏ ଦିନେ ଉଡ଼ି ବୁଲୁଥିଲା
ଏ ଡାଳ ସେ ଡାଳ ହୋଇ ବସୁଥିଲା
ଦେଖିଲା ବାବୁଲା ଚାହିଁ
ମାଆ ପାଶେ ଯାଇ
ପଚାରିଲା ମୁଁ ଯେ ଉଡ଼ିକି ପାରିବି ନାହିଁ ?

ପକ୍ଷୀଟିର ପରା ଡେଣା ରହିଅଛି
ସେଥିପାଇଁ ସିନା ସିଏ ଉଡୁ ଅଛି
ମାଆ ବୁଝାଇ କହିଲେ
ତୁ ଉଡ଼ିବୁ ଦିନେ
ଉଡ଼ାଜାହାଜରେ ପାଠ ପଢ଼ି ବଡ଼ ହେଲେ ।
ଉଡ଼ାଜାହାଜରେ ଡେଣା ମଧ୍ୟ ଅଛି
ଯନ୍ତ୍ର ସାହାଯ୍ୟରେ ସିଏ ଚାଲୁଅଛି
ପାଠ ପଢ଼ି ଜାଣିଯିବୁ
ଭଲ ପାଠ ପଢ଼ି
ଭଲ କାମ କରି ଦେଶର ନାଆଁ ରଖିବୁ ।

ମାଆଙ୍କ ପାଦକୁ ଯାଇ ସେ ଛୁଇଁଲା
ଶପଥ କରିକି ବାବୁଲା କହିଲା
ନିଶ୍ଚୟ ମୁଁ ଭଲ ପଢ଼ି
ଦେଶର ଜାତିର
ନାଆଁ ବି ରଖିବି ଉଡ଼ାଜାହାଜରେ ଚଢ଼ି ।

ସତରେ ସେ ଭଲ ପାଠ ଯେ ପଢ଼ିଲା
ବୈଜ୍ଞାନିକ ହୋଇ ଦିନେ ବାହାରିଲା
ଜାଣିଲା ବିଭିନ୍ନ କଥା
ଉଡ଼ାଜାହାଜଟି କେମିତି ଚାଲୁଛି
ବୁଝିଲା ଲଗାଇ ମଥା ।

+ମିଶ୍ର କଲୋନୀ, ଶାଳପଡ଼ା,
କେନ୍ଦୁଝର
ମୋ: ୯୪୩୮୪୧୪୭୦୧

ପ୍ରାଣୀମାନଙ୍କ ପ୍ରତି ନିଷ୍ଠୁର ଆଚରଣ ଓ ଉତ୍ପୀଡ଼ନ ସର୍ବଦା ବର୍ଜନୀୟ: ମନ୍ତ୍ରୀ

ଭୁବନେଶ୍ୱର, ୧୩/୦୧ (ନି.ପ୍ର): ଜୀବେ ଦୟା ନୀତିରେ ଆମ ସମସ୍ତଙ୍କୁ ପ୍ରାଣୀମାନଙ୍କ ମଙ୍ଗଳ ନିମନ୍ତେ କାର୍ଯ୍ୟ କରିବାକୁ ପଡ଼ିବ। ପ୍ରାଣୀମାନଙ୍କ ମଙ୍ଗଳ ଓ ସେମାନଙ୍କ ପ୍ରତି ସମୟ ସମୟରେ ହେଉଥିବା ନିଷ୍ଠୁର ଓ ଅମାନବୀୟ ଆଚରଣରୁ ସୁରକ୍ଷା ପ୍ରଦାନ ଦିଗରେ ରାଜ୍ୟ ପ୍ରାଣୀ ମଙ୍ଗଳ ବୋର୍ଡର ମହତ୍ୱପୂର୍ଣ୍ଣ ଭୂମିକା ରହିଥିବା ପରିପ୍ରେକ୍ଷୀରେ ଏହାକୁ ଅଧିକ ସଶକ୍ତ କରାଯାଉଛି ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ତଥା ରାଜ୍ୟ ପ୍ରାଣୀମଙ୍ଗଳ ବୋର୍ଡର ଅଧ୍ୟକ୍ଷ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । ଆଜି କୃଷି ଭବନଠାରେ ଆୟୋଜିତ ରାଜ୍ୟ ପ୍ରାଣୀ ମଙ୍ଗଳ ବୋର୍ଡର ସାଧାରଣ ପରିଷଦ ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ସ୍ୱାଇଁ କହିଛନ୍ତି ପ୍ରାଣୀମାନଙ୍କ ପ୍ରତି ନିଷ୍ଠୁର ଆଚରଣ ଓ ଉତ୍ପୀଡ଼ନ ସର୍ବଦା ବର୍ଜନୀୟ । ଏଥିପାଇଁ ପ୍ରାଣୀ ନିଷ୍ଠୁରତା ନିରୋଧ ଆଇନର କଡ଼ାକଡ଼ି ଅନୁପାଳନ କରାଯିବା ଆବଶ୍ୟକ । ପରିବର୍ତ୍ତିତ ସମୟ ଓ ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରାଣୀ ନିଷ୍ଠୁରତା ନିରୋଧ ଆଇନ-୧୯୬୦ର ପୁନଃସମୀକ୍ଷା କରି ସେଥିରେ ସମୟୋପଯୋଗୀ ନୂତନ ଧାରା ଯୋଡ଼ିବାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି। ଏଥିସହିତ ପ୍ରାଣୀ କଲ୍ୟାଣ ନିମନ୍ତେ ଉଦ୍ଦିଷ୍ଟ ଯୋଜନାଗୁଡ଼ିକର ବ୍ୟୟବରାଦ ଅର୍ଥକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବ୍ୟୟ କରି ଯୋଜନାର ସଫଳ ରୂପାୟନ ନିମନ୍ତେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୀଡ଼ିତ ପ୍ରାଣୀମାନଙ୍କୁ ତୁରନ୍ତ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ହେଲ୍ ପଲାଇନ୍ ନମ୍ବର ଓ ପ୍ରାଣୀ ଚିକିତ୍ସା ଆମ୍ବୁଲାନ୍ସ ସେବାକୁ ଅଧିକ କ୍ରୀୟାଶୀଳ କରିବା ଉପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗରୁତ୍ୱାରୋପ କରିଥିଲେ। ଏଥିସହିତ ନିର୍ଦ୍ଧାରିତ ସମୟରେ ବୋର୍ଡର ବୈଠକ ଆୟୋଜନ କରି କାର୍ଯ୍ୟକ୍ରମଗୁଡ଼ିକର ନିୟମିତ ସମୀକ୍ଷା କରିବା ପାଇଁ ଶ୍ରୀ ସ୍ୱାଇଁ ପରାମର୍ଶ ଦେଇଥିଲେ ।

ବୈଠକରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ରାଜ୍ୟ ପ୍ରାଣୀ ମଙ୍ଗଳ ବୋର୍ଡର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିବା ସହିତ ପ୍ରାଣୀ ମଙ୍ଗଳ ନିମନ୍ତେ କାର୍ଯ୍ୟ କରୁଥିବା ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ସହିତ ଉପଯୁକ୍ତ ସମନ୍ୱୟ ରକ୍ଷା ଦିଗରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ତଥା ବୋର୍ଡର ସଦସ୍ୟ ସଚିବ ଡ. ଯେଦୁଲ୍ଲା ବିଜୟ, ପ୍ରାଣୀ ମଙ୍ଗଳ ବୋର୍ଡର ସଦସ୍ୟ ତଥା ମୋରଡା ବିଧାୟକ ରାଜ କିଶୋର ଦାସଙ୍କ ସମେତ ବୋର୍ଡର ସଦସ୍ୟବୃନ୍ଦ ଏବଂ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ ।

ଯୁବ ରେଡକ୍ରସ୍ ପକ୍ଷରୁ ଜାତୀୟ ଯୁବ ଦିବସ ପାଳିତ

ଭୁବନେଶ୍ୱର, ୧୩/୦୧ (ନି.ପ୍ର): ଜାତୀୟ ଯୁବ ଦିବସ ଉପଲକ୍ଷେ ଭାରତୀୟ ରେଡ଼କ୍ରସ୍, ଓଡିଶା ରାଜ୍ୟ ଶାଖାର ଯୁବ ରେଡକ୍ରସ ତରଫରୁ ଅବୈତନିକ ସଚିବ ବିଭୁତି ଭୁଷଣ ପଟ୍ଟନାୟକ, ଭା.ପ୍ର.ସେ.ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ ରେଡ଼କ୍ରସ୍ ଭବନଠାରେ ଆୟୋଜିତ ହୋଇଯାଇଛି। ଏହି ସଭାକୁ ଆକାଶ ଦାସ୍‌ନାୟକ. ଚେୟାରମାନ, ମୋ କଲେଜ ଅଭିଯାନ ମୁଖ୍ୟ ଅତିଥିରୂପେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ସେ ତାଙ୍କ ଅଭିଭାଷଣରେ କହିଲେ ଯେ ସ୍ୱପ୍ନ ଦେଖ, ସ୍ୱପ୍ନ କୁ ସାକାର କରିବା ପାଇଁ କଠିନ ପରିଶ୍ରମ କର । ଏହି ସମୟରେ ବହୁ ଉତ୍‌ଥାନ ପତନ ଆସିବ । କିନ୍ତୁ ହାର ନ ମାନି ନିଜ ଲକ୍ଷ୍ୟ ସାଧନ ନିମନ୍ତେ ଅଗ୍ରସର ହୁଅ । ଓଡିଶା ରାଜ୍ୟ ଶାଖାର ଅବୈତନିକ ସଚିବ ବିଭୁତି ଭୁଷଣ ପଟ୍ଟନାୟକ ଜାତୀୟ ଯୁବ ଦିବସର ମହତ୍ତ୍ୱ ବିଷୟରେ ବିସ୍ତୃତ ଭାବେ ଆଲୋକପାତ କରିବା ସହିତ ରେଡ଼କ୍ରସ୍‌ର ବିଭିନ୍ନ କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ମାନଙ୍କର ଅବଦାନକୁ ଭୁୟସୀ ପ୍ରଶଂସା କରିଥିଲେ । ଏକ ସୁସ୍ଥ, ସୁନ୍ଦର ଓ ସୁଦୃଢ ସମାଜ ଗଠନ ଦିଗରେ ପରିବର୍ତ୍ତନର ବାହକ ହେବାପାଇଁ ସେ ସ୍ୱେଚ୍ଛାସେବୀମାନଙ୍କୁ ଆହ୍ୱାନ ଦେଇଥିଲେ।

ଯୁବ ରେଡକ୍ରସ ଅଧିକାରୀ ଡଃ ରମେଶ ଚନ୍ଦ୍ର ବେହେରା ଅତିଥି ମାନଙ୍କୁ ସ୍ୱାଗତ ପ୍ରଦାନ କରିବା ସହ ଲୋକ ଅଦାଲତ ପୁରୀର ସଭ୍ୟ ପ୍ରଫେସର ପ୍ରଭାତ ରଞ୍ଜନ ମହାପାତ୍ର, ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଆଜି ଦିନର ଗୁରୁତ୍ୱ ଉପରେ ପ୍ରାଧାନ୍ୟ ଦେବା ସହ ବିବେକାନନ୍ଦଙ୍କର ବାଣୀ ଓ ଦର୍ଶନର ସାବଲୀଳ ବ୍ୟାଖ୍ୟା କରିଥିଲେ । ତତ୍ ସହିତ ବିବେକାନନ୍ଦଙ୍କ ଦର୍ଶନରେ ଅନୁପ୍ରାଣିତ ହେବାକୁ ସେ ଯୁବସମାଜକୁ ଦିଗ ଦର୍ଶନ ଦେଇଥିଲେ । ଯୁବସମାଜହିଁ କେବଳ ଆମର ଦେଶକୁ ସରସ ସୁନ୍ଦର କରିବାରେ ସମର୍ଥ, ଏହା ସହିତ ରେଡ଼କ୍ରସ୍‌ର ବହୁମୁଖୀ ସେବା କାର୍ଯ୍ୟରେ ଯୋଗ ଦେବାକୁ ସେ ଆହ୍ୱାନ ଦେଇଥିଲେ । ହଜାରେ ଉପଦେଶ ଦେବାଠାରୁ ଗୋଟିଏ ଭଲ କାର୍ଯ୍ୟକୁ ଅଭ୍ୟାସ ରେ ପରିଣତ କରି ସମାଜ ପାଇଁ ଉଦାହରଣ ସୃଷ୍ଟି କରିବା ଶ୍ରେୟସ୍କର ଅଟେ ବୋଲି ସେ କହିଥିଲେ ।

ବି.ଜେ.ବି. ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁବ ରେଡ଼କ୍ରସ୍ ଅଧିକାରୀ ଶ୍ରୀମତି ଲେଖା ଦାସ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏଥିସହିତ ଜାତୀୟ ଯୁବ ଦିବସ ଉପଲକ୍ଷେ ଭାରତୀୟ ରେଡ଼କ୍ରସ୍ ସୋସାଇଟି, ଓଡିଶା ତରଫରୁ ହକି ବିଶ୍ୱକପ ପାଇଁ ଭାରତୀୟ ଦଳକୁ ସ୍ୱାଗତ କରିବା ନିମନ୍ତେ ସ୍ଥାନୀୟ ରେଡ଼କ୍ରସ୍ ଭବନ ସମ୍ମୁଖରେ ଏକ ମାନବ ଶୃଙ୍ଖଳ ଗଠନ କରାଯାଇଥିଲା । ଏହି ଅବସରରେ ପ୍ରତ୍ୟେକ ଯୁବ ରେଡ଼କ୍ରସ୍ ସ୍ୱେଚ୍ଛାସେବୀ ନିଜ ନିଜ ହାତରେ ବିବେକାନନ୍ଦଙ୍କ ବାଣୀ ଉପରେ ସଚେତନତା ଅଧାରିତ ପ୍ଲାକାର୍ଡ ଏବଂ ସ୍ଲୋଗାନ ମାନ ପ୍ରଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ୧୦ ଜିଲ୍ଲାରୁ ପ୍ରାୟ ୨୦୦ ରୁ ଉର୍ଦ୍ଧ୍ୱ ଯୁବ ସ୍ୱେଚ୍ଛାସେବୀ, ଆଜୀବନ ସଦସ୍ୟ/ ସଦସ୍ୟା, ୟୁଥ ରେଡ଼କ୍ରସ୍ ପରାମର୍ଶଦାତା ଓ ଓଡିଶା ରାଜ୍ୟ ଶାଖାର କର୍ମକର୍ତା ମାନେ ଯୋଗଦେଇଥିଲେ ।

ଏଥିସହିତ ଏକ ସାଧାରଣ ଜ୍ଞାନ, ମୋବାଇଲ ରେ ଓଡିଆ ଭାଷାରେ ଟାଇପ୍, "ହକି ବିଶ୍ୱକପ" ଉପରେ ଆଧାରିତ ଚିତ୍ରାଙ୍କନ ପ୍ରତିଯୋଗିତା ଓ ବକ୍ତୃତା ପ୍ରତିଯୋଗିତା " ଆଜିର ଯୁବ ସମାଜ ଉପରେ ସାମାଜିକ ଗଣମାଧ୍ୟମର ପ୍ରଭାବ " ଉପରେ ଅନୁଷ୍ଠିତ କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ପରେ ପରେ ଯୁବ ରେଡ଼କ୍ରସ୍ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ଉଚ୍ଚକୋଟିର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

ଓଡ଼ିଶା ପ୍ରଦେଶ କଂଗ୍ରେସ ସୋସିଆଲ ମିଡିଆ ବିଭାଗର ନୂତନ ରାଜ୍ୟ କମିଟି ଗଠିତ

ଭୁବନେଶ୍ୱର, ୧୩/୦୧ (ନି.ପ୍ର): ଓଡ଼ିଶା ପ୍ରଦେଶ କଂଗ୍ରେସ ସୋସିଆଲ ମିଡିଆ ବିଭାଗର ନୂତନ ରାଜ୍ୟ କମିଟି ଗଠିତ କରାଯାଇଛି ବୋଲି ସୋସିଆଲ ମିଡିଆ ଚେୟାରମ୍ୟାନ୍ ଅଭିଷେକ ମହାନନ୍ଦ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ରାଜ୍ୟ କମିଟିର କିଛି ନିଷ୍କ୍ରିୟ ଓ ବିଶୃଙ୍ଖଳିତ ସଦସ୍ୟମାନଙ୍କୁ ବାହାର କରି ନୂତନ ସଦସ୍ୟମାନଙ୍କୁ ସୁଯୋଗ ଦେଇଛନ୍ତି। ଆଗାମୀ ନିର୍ବାଚନରେ ସୋସିଆଲ ମିଡିଆ ବିଭାଗ ପ୍ରଚାର, ପ୍ରସାର ଏବଂ ଅନଲାଇନ୍ ଅଭିଯାନରେ ପ୍ରମୁଖ ଭୂମିକା ଗ୍ରହଣ କରିବ, ଏଥିପାଇଁ କଂଗ୍ରେସ ନିଜର ରଣନୀତି ପ୍ରସ୍ତୁତ କରିଛି। ନୂଆ ସୋସିଆଲ ମିଡ଼ିଆ ଟିମ୍ ପିସିସି ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ମେସେଜ୍ ଓ ଭିଜନକୁ ଲୋକଙ୍କ ପାଖରେ ପହଞ୍ଚାଇବ ଏବଂ କଂଗ୍ରେସର ବିକାଶମୂଳକ କାର୍ଯ୍ୟ ଓ ନୀତି ଆଦର୍ଶକୁ ଘରେ ଘରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ।

କୃଷି ମନ୍ତ୍ରୀଙ୍କୁ ଭେଟିଲେ ଓଡ଼ିଶା କୃଷି ସେବା ସଂଘର ନବନିର୍ବାଚିତ କର୍ମକର୍ତା

ଭୁବନେଶ୍ୱର, ୧୩/୦୧ (ନି.ପ୍ର): ଓଡ଼ିଶା କୃଷି ସେବା ସଂଘର ନବନିର୍ବାଚିତ କର୍ମକର୍ତାବୃନ୍ଦ ଗୁରୁବାର କୃଷି ଭବନଠାରେ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ସଂଘର ନବନିର୍ବାଚିତ ସଭାପତି ଡ. ପ୍ରଦୀପ କୁମାର ସ୍ୱାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କୁ ଅଭ୍ୟର୍ଥନାପୂର୍ବକ ପୁଷ୍ପଗୁଚ୍ଛ ପ୍ରଦାନ କରି ସଂଘର ସମସ୍ତ କର୍ମକର୍ତାଙ୍କ ପରିଚୟ ପ୍ରଦାନ କରିଥିଲେ। ମନ୍ତ୍ରୀ ଶ୍ରୀ ସ୍ୱାଇଁ ସଂଘର ସମସ୍ତ କର୍ମକର୍ତା ଓ ସଦସ୍ୟସଦସ୍ୟାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହିତ ରାଜ୍ୟ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ଯୋଜନାର ସଫଳ ରୂପାୟନ ଦିଗରେ ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସଂଘର ଆଭିମୁଖ୍ୟ ଏବଂ କୃଷି ବିଭାଗରେ କ୍ୟାଡର ପୁନର୍ଗଠନ, କ୍ଷେତ୍ରୀୟ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଦିଗରେ ଅଧିକ ସୁବିଧାର ବ୍ୟବସ୍ଥା, ଜିଲ୍ଲା ଓ ପଂଚାୟତ ସ୍ତରରେ ଅଧିକ ମାନବସମ୍ବଳ ନିଯୁକ୍ତି, ଖାଲି ପଦବୀ ପୂରଣ ଇତ୍ୟାଦି ସଂପର୍କରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ହୋଇଥିଲା । ସାକ୍ଷାତ ଆଲୋଚନା ସମୟରେ ସଂଘର ଉପସଭାପତି ଶ୍ରୀମତୀ ପ୍ରିୟଙ୍କା ପ୍ରିୟଦର୍ଶିନୀ, ସାଧାରଣ ସଂପାଦକ ରାଜେଶ କୁମାର ନନ୍ଦ, ସଂଗଠନ ସଂପାଦକ ଦୀପକ କୁମାର ଦାସ, ବୈଷୟିକ ଓ ପ୍ରଚାର ସଂପାଦକ ରଶ୍ମିରଞ୍ଜନ ମହାରଣା ଏବଂ କୋଷାଧ୍ୟକ୍ଷା ଶ୍ରୀମତୀ କଳ୍ପନା ପ୍ରଧାନଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ଶୈଳେନ୍ଦ୍ର କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

ଭୁବନେଶ୍ୱର, ୧୩/୦୧ (ନି.ପ୍ର): ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀମତୀ ରୀତା ସାହୁଙ୍କ ଅଧ୍ୟକ୍ଷତାରେ କୃଷି ଭବନଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ହସ୍ତତନ୍ତ, ବୟନ ଓ ସେରିକଲଚର କ୍ଷେତ୍ରରେ ବିକାଶ ସଂପର୍କରେ ଏହି ବୈଠକରେ ଆଲୋଚନା କରାଯାଇଥିଲା । ସମୀକ୍ଷା ବୈଠକରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ କ୍ଷେତ୍ରରେ ହିତାଧିକାରୀମାନଙ୍କୁ ଦିଆଯାଉଥିବା ବିଭିନ୍ନ ଯୋଜନା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା । ହସ୍ତତନ୍ତ ବୁଣାକାର ଓ ରେଶମ (ସେରିକଲଚର) ଚାଷୀମାନଙ୍କ ଉନ୍ନତିକୁ ଆଖି ଆଗରେ ରଖି ଦଳଗତ ମନୋଭାବ ନେଇ କାର୍ଯ୍ୟକରିବା ପାଇଁ ମନ୍ତ୍ରୀ ଶ୍ରୀମତୀ ସାହୁ ପରାମର୍ଶ ଦେଇଥିଲେ । ପୋଷାକ ଓ ବୟନ କ୍ଷେତ୍ରରେ ଅଧିକ ପୁଂଜି ଲଗାଣ ଉପରେ କେତେକ ନୀତି ସଂପର୍କରେ ଆଲୋଚନା କରାଯାଇଥିଲା । ବାର୍ଷିକ ବଜେଟ୍ କୁ ଠିକ୍ ସମୟରେ ବ୍ୟୟ କରିବା ଉପରେ ମନ୍ତ୍ରୀ ଶ୍ରୀମତୀ ସାହୁ ଗୁରୁତ୍ୱ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ପ୍ରମୁଖ ଯୋଗଦାନ କରିଥିଲେ ।

କଟକ- ସମ୍ବଲପୁର ଜାତୀୟ ରାଜପଥ ଶୀଘ୍ର ସଂପୂର୍ଣ୍ଣ କରିବାକୁ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୧୩/୦୧ (ନି.ପ୍ର): ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସମ୍ବଲପୁର ଜିଲ୍ଲା ଗସ୍ତ କରି କଟକ-ସମ୍ବଲପୁର ଜାତୀୟ ରାଜପଥରେ ଚାରି ଲେନ ବିଶିଷ୍ଟ କାର୍ଯ୍ୟର ଅଗ୍ରଗତି ସଂପର୍କରେ ସମୀକ୍ଷା କରିଛନ୍ତି। ଶ୍ରୀ ମହାପାତ୍ର କ୍ଷେତ୍ରୀୟ ପରିଦର୍ଶନରେ ଯାଇ ଜାତୀୟ ରାଜପଥ-୫୫ର କଟକ-ସମ୍ବଲପୁର ରାଜପଥର କାର୍ଯ୍ୟକୁ ତୁରନ୍ତ ଶେଷ କରିବାକୁ ଜାତୀୟ ରାଜପଥ କର୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କଟକ-ସମ୍ବଲପୁର ରାଜପଥର ତିନି ପର୍ଯ୍ୟାୟ ତଥା କଟକ-ଅନୁଗୋଳ-୧, କଟକ-ଅନୁଗୋଳ-୨, ଅନୁଗୋଳ-ସମ୍ବଲପୁର-୩ର କାର୍ଯ୍ୟ ଦୀର୍ଘ ଦିନ ହେଲା ପଡି ରହିଥିବାରୁ ଯାତାୟତରେ ବାଧା ସୃଷ୍ଟି ହେବା ସହ ଦୁର୍ଘଟଣା ହେଉଥିବାରୁ ନିର୍ମାଣ କାର୍ଯ୍ୟ ତ୍ୱରାନିତ୍ୱ କରିବାକୁ ଶ୍ରୀ ମହାପାତ୍ର ପରାମର୍ଶ ଦେଇଛନ୍ତି । ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା ଉକ୍ତ ପଥରେ ଦୁଇ ଲେନ କାର୍ଯ୍ୟ ଶେଷ ଏବଂ ଆସନ୍ତା ଜୁନ ସୁଦ୍ଧା ୯୦ ପ୍ରତିଶତ କାର୍ଯ୍ୟ ଶେଷ କରିବା ନେଇ ବୈଠକରେ ଆଲୋଚନା ହୋଇଛି। ଏଥିସହ ଉକ୍ତ ରାଜପଥରେ ଥିବା ପ୍ରମୁଖ ଫ୍ଲାଏ ଓଭର, ରିଂ ରୋଡ, ହାତୀ ଯାତାୟତ ପାଇଁ ଅଣ୍ଡର ପାସ ଏବଂ ଯାନବାହାନ ନିମନ୍ତେ ମୁଖ୍ୟ ଅଣ୍ଡର ପାସ କାର୍ଯ୍ୟ ଆସନ୍ତା ଜୁନ ସୁଦ୍ଧା ଶେଷ କରିବାକୁ ମଧ୍ୟ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି ।

ଗୁରୁବାର ସକାଳେ ମୁଖ୍ୟ ଶାସନ ସଚିବ ସମ୍ବଲପୁର ଯିବା ବାଟରେ ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲାରେ କ୍ଷେତ୍ରୀୟ ପରିଦର୍ଶନ କରି ଜିଲ୍ଲାରେ ଯାରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସଂପର୍କରେ ଜିଲ୍ଲାପାଳ ଏବଂ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ଉକ୍ତ ସମୀକ୍ଷା ବୈଠକରେ ଉତରାଂଚଳ ରାଜସ୍ୱ କମିଶନର ଡଃ ସୁରେଶ ଚନ୍ଦ୍ର ଦଳାଇ, ସମ୍ବଲପୁର ଜିଲ୍ଲାପାଳ ଅନନ୍ୟା ଦାସ, ଆରକ୍ଷ ଅଧିକ୍ଷକ ବି.ଗଙ୍ଗାଧର, ଜାତୀୟ ରାଜପଥ ସମ୍ବଲପୁର ଶାଖା ପ୍ରକଳ୍ପ ନିର୍ଦ୍ଦେଶକ କେ.ନାଗେଶ୍ୱର ରାଓ, ସି.ଜି.ଏମ. ଡ଼ଃ ରାମପ୍ରସାଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

ଉତ୍କଳ ଦିବସରୁ ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନ ବିଦ୍ୟାର୍ଥୀ ପାଇବେ ବର୍ଦ୍ଧିତ ଅନୁଦାନ

ଭୁବନେଶ୍ୱର , ୧୩/୦୧ (ନି.ପ୍ର): ରାଜ୍ୟ ସରକାରଙ୍କ ଅଧୀନରେ ଥିବା ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନଗୁଡ଼ିକରେ ପଢୁଥିବା ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ଅନୁଦାନ ରାଶି ବୃଦ୍ଧି କରାଯାଇଛି। ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଅନୁଦାନ ବୃଦ୍ଧି ବାବଦରେ ଘୋଷଣା କରାଯାଇଛି। ଆସନ୍ତା ଉତ୍କଳ ଦିବସରୁ ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନଗୁଡ଼ିକର ଆବାସିକ ଓ ଦିବ୍ୟାଧାୟୀ ଛାତ୍ରଛାତ୍ରୀ ଏହି ବର୍ଦ୍ଧିତ ଅନୁଦାନ ପାଇବେ ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଫଳରେ ଛାତ୍ରଛାତ୍ରୀମାନେ ରକ୍ଷଣାବେକ୍ଷଣ ଖର୍ଚ୍ଚ ଅଧିକ ପାଇପାରିବେ।

ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନରେ ଆବାସିକ ସୁବିଧା ନେଇ ରହୁଥିବା ଛାତ୍ରଛାତ୍ରୀମାନଙ୍କ ଅନୁଦାନ ରାଶି ମାସିକ ୧୭୬୦ ଟଙ୍କାରୁ ୨୩୪୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଅଧ୍ୟୟନରତ ଦିବ୍ୟାଧାୟୀ ଛାତ୍ରଛାତ୍ରୀମାନଙ୍କ ମାସିକ ଅନୁଦାନ ରାଶି ୩୭୦ ଟଙ୍କାରୁ ୪୯୦ ଟଙ୍କାକୁ ବୃଦ୍ଧି ହୋଇଛି। ସେହିପରି ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନଗୁଡ଼ିକୁ ସରକାରଙ୍କ ପକ୍ଷରୁ ଆସବାବପତ୍ର, କମ୍ପ୍ୟୁଟର ସାମଗ୍ରୀ ଓ ସ୍ୱତନ୍ତ୍ର ସଫ୍ ?ଟୱେୟାର ଆଦି କିଣିବା ପାଇଁ ଏକକାଳୀନ ୧ଲକ୍ଷ ଟଙ୍କା, ୫୦ହଜାର ଟଙ୍କା ଓ ୬୦ହଜାର ଟଙ୍କା ଅନୁଦାନ ଯୋଗାଇଦେବାର ବ୍ୟବସ୍ଥା କରାଯାଇଛି। ବିଭିନ୍ନ ଖେଳ ସାମଗ୍ରୀ ଓ ଖେଳଣା ଇତ୍ୟାଦି କିଣିବା ପାଇଁ ପ୍ରତି ୩ବର୍ଷରେ ଥରେ ୧୦ ହଜାର ଟଙ୍କା ପ୍ରଦାନ କରାଯିବାର ବନ୍ଦୋବସ୍ତ ରହିଥିବା ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି।

ରାଜ୍ୟର ବିଭିନ୍ନ ସ୍ଥାନରେ ଘନ କୁହୁଡ଼ିର ଆସ୍ତରଣ: ଯାତାୟତରେ ସମସ୍ୟା

ଭୁବନେଶ୍ୱର, ୧୩/୦୧ (ନି.ପ୍ର): ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ସକାଳୁ ଘନ କୁହୁଡ଼ି ଦେଖିବାକୁ ମିଳିଛି। ଏପରିକି କଟକ-ଭୁବନେଶ୍ୱରରେ ବି ଘନ କୁହୁଡ଼ିର ଆସ୍ତରଣ ପରିଲକ୍ଷିତ ହୋଇଛି। ରାସ୍ତାରେ ୨୦ରୁ ୩୦ ମିଟର ଯାଏଁ ଦୂରକୁ ଦେଖିବା କଷ୍ଟକର ହୋଇପଡ଼ିଛି। ଏହାଫଳରେ ଗାଡ଼ି ଚଳାଚଳ ଏବଂ ଯାତାୟତରେ ସମସ୍ୟା ଉପୁଜୁଛି।

ଗତକାଲି ବି କଟକ ଓ ଭୁବନେଶ୍ୱର ସମେତ ଉପକୂଳ ଜିଲ୍ଲାର ଅଧିକାଂଶ ସ୍ଥାନରେ ଘନ କୁହୁଡ଼ି ଅନୁଭୂତ ହୋଇଛି। ସର୍ବନିମ୍ନ ଦୃଶ୍ୟମାନ

ନୀଳଗିରି ଏନ.ଏ.ସି.ର ୫ମ ଅଧିବେଶନ ଅନୁଷ୍ଠିତ

ନୀଳଗିରି,୧୩/୦୧ (ନି.ପ୍ର): ନୀଳଗିରି ଏନ.ଏସି.ର ୫ମ ଅଧିବେଶନ ନୀଳଗିରି ଏନ.ଏ.ସି.ର ଅଧକ୍ଷା ଅମ୍ବିକା ଦାସଙ୍କ ଅଧକ୍ଷତାରେ ଶାନ୍ତିପୂର୍ଣ୍ଣ ଭାବେ ସମାପନ ହୋଇଅଛି । ଆଜିର ବୈଠକରେ ମୁଖ୍ୟତଃ ଏନ.ଏ.ସି.ର ଆଲୋକିକରଣ, ସୌନ୍ଦର୍ଯ୍ୟକରଣ ସହ ଏନ.ଏ.ସି.ର ୪ଦିଗରେ ଅର୍ଥାତ ଦୁଷମାଳି, ଗୋପିନାଥପୁର, ପାନବରଜ ଓ ମିରିଗିଣି ଠାରେ ୪ଟି ସ୍ୱାଗତ ତୋରଣ ନିର୍ମାଣ ଉପରେ ଆଲୋଚନା କରାଯାଇଥିଲା । ଏନ.ଏ.ସି.କୁ ଅଧିକ ସୁନ୍ଦର କରିବା ପାଇଁ ଉପସ୍ଥିତ କାଉନସିଲର, ଉପାଧକ୍ଷ ମହେନ୍ଦ୍ର ବେହେରା ସହମତି ପ୍ରଦାନ କରିଥିଲେ । ଶାନ୍ତିପୂର୍ଣ୍ଣ ବାତାବରଣରେ ୫ମ ଅଧିବେଶନ ଶେଷ ହୋଇଥିବା ବେଳେ ଅଧକ୍ଷା ଅମ୍ବିକା ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ଆଗତ ସମସ୍ତ ପ୍ରକଳ୍ପକୁ ଅନୁମୋଦନ ପାଇଁ ସର୍ବସମ୍ମତି କ୍ରମେ ଗ୍ରହଣ କରିବା ପାଇଁ ନିଷ୍ପତି ହୋଇଥିଲା । ଏହି ଅଧିବେଶନରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିଧାୟକଙ୍କ ପ୍ରତିନିଧି ରାଧାଗୋବିନ୍ଦ ଖଟୁଆ, ଏନ.ଏ.ସି. କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ବଡୁ, ଓ ଏନ.ଏ.ସି. ର ସମସ୍ତ କାଉନସିଲର ଉପସ୍ଥିତ ଥିଲେ ।

ଖଇରା ବିଡିଓଙ୍କୁ ଭେଟିଲା ବରିଷ୍ଠ ନାଗରିକ ମଞ୍ଚ

ଖଇରା,୧୩/୦୧ (ନି.ପ୍ର): ଖଇରା ବରିଷ୍ଠ ନାଗରିକ ମଞ୍ଚ ର ଏକ ଟିମ ଗୁରୁବାର ଖଇରା ବିଡିଓ ପର୍ଶୁରାମ ପଣ୍ଡାଙ୍କୁ ଭେଟି ଖଇରାର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଛନ୍ତି । ବିଶେଷ କରି କରି ୨୦୨୧ରେ ବିଡିଓଙ୍କ ଯୋଗଦାନ ସମୟରେ ଅବଗତ କରାଯାଇଥିବା ଖଇରା ବସଷ୍ଟାଣ୍ଡରେ ଯାତ୍ରୀ ବିଶ୍ରାମାଗାର ଅଭାବ ସମ୍ପର୍କରେ ପୁନର୍ବାର ଦେହାରାଇଥିଲେ । ୩୭ପଞ୍ଚାୟତରୁ ଖଇରା ବ୍ଲକ ଓ ତହସିଲ କୁ ବିଭିନ୍ନ କାମରେ ଆସୁଥିବା ଜନସାଧାରଣଙ୍କୁ କିଭଳି ହଟହଟା ହେବାକୁ ପଡୁଛି ତାହା ବଖାଣିଥିଲେ । ଆସନ୍ତା ପଞ୍ଚାୟତରାଜ ଦିବସ ପାଳନ ପୂର୍ବରୁ ବିଶ୍ରାମଗାର ସମ୍ପୁର୍ଣ୍ଣ କରାଯିବା ନେଇ ବିଡିଓ ପ୍ରତିଶ୍ରୁତି ଦେଇଥିଲେ । ସମ୍ପାଦକ ମୁକ୍ତିକାନ୍ତ ଶତପଥି,କୋଷାଧକ୍ଷ ।ନାମ ଚରଣ ପଣ୍ଡା,ଦେବେନ୍ଦ୍ର ରାଉତ,ମହେନ୍ଦ୍ର କବି,ଅରୁଣ କୁମାର ସ୍ୱାଇଁ,ନାରାୟଣ ପେଡା ପ୍ରମୁଖ ପ୍ରତିନିଧି ଦଳରେ ସାମିଲ ଥିଲେ ।

ସାଧୁଚରଣ ମହାବିଦ୍ୟାଳୟର ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

ଜଳେଶ୍ୱର,୧୩/୦୧ (ନି.ପ୍ର): ବିଭିନ୍ନ ସ୍ଥିନରେ ଛାତ୍ରୀମାନଙ୍କୁ ଆକ୍ରମଣ ହେଉଥିବାରୁ ତାର ନିରାକରଣ ଲାଗି ଏବେ ଉଚ୍ଚ ଶିକ୍ଷାସ୍ତରରେ ଆତ୍ମସୁରକ୍ଷା କୌଶଳ ଶିକ୍ଷା ଦିଆଯାଉଛି । ରାଇବଣିଆରେ ଥିବା ସାଧୁଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୫୦ଜଣ ଛାତ୍ରୀଙ୍କୁ ନେଇ ଏକହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବିଦ୍ୟାଳୟର ଅଧ୍ୟକ୍ଷ ତନୁଜ କୁମାର ହୁଇ ଅଧ୍ୟକ୍ଷତା କରିଥିଲେ । ପୂର୍ବତନ ଜିଲା ଏନ୍‌ଏସ୍‌ଏସ୍‌ର ପ୍ରଗ୍ରାମ ଅଫିସର ସତ୍ୟମୟ ଆଚାର୍ଯ୍ୟ ମୁଖ୍ୟ ଅତିଥି ଓ ଫକିର ମୋହନ କର ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁଶାନ୍ତ କୁମାର ସାହୁ, ପ୍ରଭାକର ବଲ୍ଲଭ ଗୋସ୍ୱାମସୀ ଏହପରି ପ୍ରଶିକ୍ଷଣର ଆବଶ୍ୟକତା ସଂପର୍କରେ କହିଥିଲେ ।

ପାଠ ପଢ଼ାରେ ଡ଼ୋରି ବାନ୍ଧିଲେ ମା' ଛେଉଣ୍ଡ ପଦ୍ମାବତୀ

ଉଦଳା,୧୩/୦୧ (ନି.ପ୍ର): କପ୍ତିପଦା ବ୍ଲକ ଅନ୍ତର୍ଗତ ମାଙ୍କଡ଼ପଡ଼ା ପଂଚାୟତର ଖଡ଼ିଖାଣିଆ ଗ୍ରାମର ଲକ୍ଷ୍ମଣ ମାର୍ଣ୍ଡିଙ୍କର କନ୍ୟା ପଦ୍ମାବତୀ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟରେ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଛନ୍ତି । ପାଖରେ ଆଉ ବିଦ୍ୟାଳୟ ନଥିବାରୁ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ପାଇଁ ଦୂରକୁ ଯିବାକୁ ପଡ଼ିଲା । ବାଧ ହୋଇ ଲକ୍ଷ୍ମଣ ଝିଅର ନାମ ଲେଖାଇବା ପାଇଁ କପ୍ତିପଦା ଆସିଥିଲେ । କିନ୍ତୁ ଏଠାରେ କାର୍ଯ୍ୟରତ ପ୍ରଧାନ ଶିକ୍ଷକ ଆଧାରକାର୍ଡ଼ରେ ତ୍ରୁଟି ଦର୍ଶାଇ ଏଠାରେ ନାମ ଲେଖାଯାଇପାରିବ ନାହିଁ ବୋଲି ରୋକ ଠୋକ କହି ବିଦା କରିଦେଲେ । ଏହାପରେ ସେ ବାଲିଆଝର ଯାଇଥିଲେ । ସେଠାରେ ମଧ୍ୟ ପ୍ରଧାନ ଶିକ୍ଷକ ସମାନକଥା କହି ଫେରାଇଦେଲେ । ପଦ୍ମାବତୀଙ୍କୁ ବର୍ତମାନ ବୟସ ୧୨ ବର୍ଷ ଛୁଇଁଲା । କ୍ରମାଗତ ୩ ବର୍ଷ ଧରି ସେ ପାଠ ପଢ଼ା ଛାଡ଼ି ଏବେ ଘରେ ବସିଛନ୍ତି । ପିଲାଟି ଦିନରୁ ମା' ଆମ୍ପିଙ୍କର ଦେହାନ୍ତ ହୋଇ ଯାଇଥିବାରୁ ସେ ମା'ର ସ୍ନେହ ମମତାରୁ ବଂଚିତ ଅଛନ୍ତି । ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସବୁ ପିଲାଙ୍କୁ ମାଗଣା ଓ ବାଧତା ମୂଳକ ଶିକ୍ଷା ସରକାର ଘୋଷଣା କରିଛନ୍ତି । କିନ୍ତୁ ସରକାରଙ୍କର ଏହି ଘୋଷଣା ଯେ ଏକ ପ୍ରହସନ ତାହା ପଦ୍ମାବତୀ ପରି ପିଲାଙ୍କୁ ଦେଖିଲେ ବେଶ ଭଲ ଭାବରେ ବୁଝି ହେବ । ପିତା ଲକ୍ଷ୍ମଣଙ୍କ କହିବାନୁସାରେ ଆଧାର କାର୍ଡ଼ଟିକୁ ମୁଁ ଘରେ ତିଆରି କରିନାହିଁ , ସରକାରୀ ବାବୁ ମାନେ ଭୁଲ ଆଧାରକାର୍ଡ଼ ତିଆରି କଲେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନନେଇ ଆମ ଭଳି ଗରିବ ଲୋକଙ୍କ ଉପରେ ସମସ୍ତେ ଦାଉ ସାଜୁଛନ୍ତି କାହିଁକି ? ବୋଲି ସେ ପ୍ରଶ୍ନ କରିଛନ୍ତି ।

ବାଗୀଶ୍ୱରୀ ସଂସ୍କୃତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

ଜଳେଶ୍ୱର,୧୩/୦୧ (ନି.ପ୍ର): ଜଳେଶ୍ୱର ବ୍ଲକର ଆରୁହା ପଂଚାୟତ ଅଧିନ ଶାଳିକୋଠାଠାରେ ଥିବା ସର୍ବପୁରାତନ ବାଗିଶ୍ୱରୀ ସଂସ୍କୃତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀଙ୍କୁ ନେଇ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବିଦ୍ୟାଳୟର ଅଧ୍ୟକ୍ଷ ଡ. ବିବେକାନନ୍ଦ ସାହୁ ଅଧ୍ୟକ୍ଷତା କରିଥିଲେ । ଡ. ଗୁରୁପ୍ରସାଦ ରାଉଳ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । କାଳିକିଙ୍କର ଧର, କାର୍ତ୍ତିକେଶ୍ୱର ପାତ୍ର, ସୁଜାତା ଦାସ ପ୍ରମୁଖ ଯୋଗ ଆତ୍ମରକ୍ଷା ସଂପର୍କରେ କହିଥିଲେ । ଏହା ୧୦ ଦିନ ଧରି ଚାଲିବ ବୋଲି ଜଣାଯାଇଛି । ସଂଯୋଜକ ସମର ବଲ୍ଲକ ସାହୁ ସୂଚନା ଓ ଧନ୍ୟବାଦ ପ୍ରଦାନ କରିଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

'ଭଏସ୍ ଅଫ୍ ଗ୍ଲୋବାଲ ସାଉଥ ସମ୍ମିଟ' ରେ....

ଆମ ଜନସାଧାରଣଙ୍କ ଆକାଂକ୍ଷାକୁ ପୂରଣ କରିବା ପାଇଁ କାର୍ଯ୍ୟ କରିବା । ସର୍ବବ୍ୟାପୀ, ସର୍ବସ୍ପର୍ଶୀ, ଗୁଣାତ୍ମକ, ସୁଲଭ ଏବଂ ଉତ୍ତରଦାୟିତ୍ୱ ଭଳି ସ୍ତମ୍ଭ ଉପରେ ପର୍ଯ୍ୟବେସିତ ଜାତୀୟ ଶିକ୍ଷା ନୀତି ଭାରତୀୟ ଚରିତ୍ର ସହ ଜଡିତ ଏବଂ ୨୦୩୦ ସାମଗ୍ରିକ ବିକାଶ ସହ ସମ୍ପୋଳିତ । ଏହା ଆମ ଯୁବପିଢିଙ୍କୁ ବୈଶ୍ୱିକ ନାଗରିକ ଭାବରେ ବିକଶିତ କରିବ, ଯାହା ଦ୍ୱାରା ସେମାନେ ମାନବତାର କଲ୍ୟାଣ ପାଇଁ ବୈଶ୍ୱିକ ସମସ୍ୟାର ସମାଧାନର ସୂତ୍ର ବାହାର କରିପାରିବେ । ସ୍କୁଲ ଶିକ୍ଷା ସ୍ତରରେ ପ୍ରାରମ୍ଭିକ ଶୈଶବ ଯତ୍ନ ଓ ଶିକ୍ଷାକୁ ପ୍ରାଥମିକତା ଦିଆଯାଇଛି ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ୱାକ୍ଷର ଏବଂ ସଂଖ୍ୟାକୁ ସୁଦୃଢ଼ କରିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି । ଦିବ୍ୟାଙ୍ଗ ଶିଶୁଙ୍କୁ ସବୁପ୍ରକାର ସହଯୋଗ ପ୍ରଦାନ କରାଯିବା ସହ ଶିକ୍ଷକଙ୍କ କାପାସିଟି ବିଲଡିଂ ଏବଂ ଟ୍ରେନିଂ ଉପରେ ମଧ୍ୟ ପଦକ୍ଷେପ ନିଆଯାଇଛି । ସ୍କୁଲ ଯାଉଥିବା ବାଳିକାଙ୍କ ସ୍ୱାସ୍ଥ୍ୟ ଏବଂ ପୋଷଣକୁ ଉନ୍ନତ କରିବା ପାଇଁ ଆମ ସରକାର ଅନେକ ପଦକ୍ଷେପ ନେଉଛନ୍ତି । ପାଠ୍ୟକ୍ରମକୁ ପୁନଃ ଡିଜାଇନ କରାଯାଇ ଏହାକୁ ଛାତ୍ରଛାତ୍ରୀ କେନ୍ଦ୍ରୀତ କରିବା ସହ ମାତୃଭାଷାରେ ଶିକ୍ଷା ଆହରଣ ଓ ଶିକ୍ଷାଦାନକୁ ବିଶେଷ ମହତ୍ୱ ଦିଆଯାଇଛି । ବହୁମୁଖୀ ଶିକ୍ଷାକୁ ପ୍ରୋତ୍ସାହନ ଦିଆଯାଇ ଉଚ୍ଚ ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ସଂସ୍କାର ଅଣାଯାଇଛି । ପରିବର୍ତିତ ବିଶ୍ୱର ଆବଶ୍ୟକତାକୁ ଦୃଷ୍ଟିରେ ରଖି ମଲଟି ଏଂଟ୍ରି – ଏକଜିଟ୍ ସହ ଛାତ୍ରଛାତ୍ରୀଙ୍କୁ ଦକ୍ଷତା ବିକାଶ ଓ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଅଧିକ ସୁବିଧା ସୁନିଶ୍ଚିତ କରାଯାଇଛି । ସ୍କୁଲ, ଦକ୍ଷତା ବିକାଶ ଓ ଉଚ୍ଚ ଶିକ୍ଷାର ଏକୀକରଣ କରିବା ପାଇଁ ଟେକ୍ନୋଲୋଜି ଭିତିଭୂମି ଯଥା ନ୍ୟାସନାଲ ଲେବଲ ଷ୍ଟୁଡେଂଟ ରେଜିଷ୍ଟ୍ରି, ଏକାଡେମିକ୍ ବ୍ୟାଙ୍କ୍ ଅଫ୍ କ୍ରେଡିଟ୍ ଆଣ୍ଡ ସ୍କିଲ୍ ଇଣ୍ଡିଆ ଡିଜିଟାଲ ପୋର୍ଟାଲ ପ୍ରସ୍ତୁତ କରାଯାଉଛି । ସ୍କିଲ୍ ଲ୍ୟାବ୍ ଏବଂ ଶିଳ୍ପ ଶିକ୍ଷାନୁଷ୍ଠାନ ମଧ୍ୟରେ ସଂଯୋଗୀକରଣ କରାଯାଇ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ଧନ୍ଦାମୂଳକ ଶିକ୍ଷା ସହ ଯୋଡାଯାଉଛି । ନିଯୁକ୍ତି କ୍ଷେତ୍ରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଛାତ୍ରଛାତ୍ରୀଙ୍କୁ ଶିଳ୍ପ କ୍ଷେତ୍ରରେ ଇଂଟର୍ଣ୍ଣସିପ୍ ଏବଂ ଆପ୍ରେଂଟିସିପ୍ ପ୍ରଦାନ କରାଯାଇ ଛାତ୍ରଛାତ୍ରୀଙ୍କୁ ଅଭିଜ୍ଞତା ପ୍ରଦାନ କରିବା ଦିଗରେ ପ୍ରାଧାନ୍ୟ ଦିଆଯାଇଛି । ପିଏମ ଇବିଦ୍ୟା ପଦକ୍ଷେପସ୍ୱରୂପ ଦୀକ୍ଷା, ଇ-ପାଠଶାଳା, ସ୍ୱୟଂ ପ୍ରଭା ଟିଭି ଏବଂ ୨୬୦ରୁ ଅଧିକ ଟିଭି ଚ୍ୟାନେଲର ବ୍ୟବସ୍ଥା କରାଯାଇଛି । ଜାତୀୟ ଡିଜିଟାଲ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଉଛି, ଯାହା ଉଚ୍ଚ ଶିକ୍ଷା କ୍ଷେତ୍ରରେ ଏକ ବଡ ପରିବର୍ତନ ଆଣିବ । ଶିକ୍ଷାର ଅନ୍ତର୍ଜାତୀୟକରଣ ହେଉଛି ଜାତୀୟ ଶିକ୍ଷା ନୀତିର ମୂଳ ଅଂଶ । ଜାତୀୟ ଶିକ୍ଷା ନୀତି ଭାରତକୁ ଗ୍ଲୋବାଲ ଷ୍ଟଡି ଡେଷ୍ଟିନେସନ ଭାବରେ ପ୍ରୋତ୍ସାହିତ କରୁଛି, ଯାହା ଦ୍ୱାରା ସୁଲଭ ମୂଲ୍ୟରେ ଗୁଣାତ୍ମକ ଶିକ୍ଷାର ଲାଭ ଛାତ୍ରଛାତ୍ରୀମାନେ ପାଇପାରିବେ । ଭାରତରେ ଥିବା ଶିକ୍ଷାନୁଷ୍ଠାନ ବିଦେଶର ଉଚ୍ଚ ଶିକ୍ଷାନୁଷ୍ଠାନ ସହ ମିଶି ଛାତ୍ରଛାତ୍ରୀଙ୍କୁ ଡୁଆଲ ଡିଗ୍ରୀ ପ୍ରଦାନ କରିବା ପାଇଁ ପଦକ୍ଷେପ ନିଆଯାଇଛି ।

ଆରମ୍ଭ ହେଲା ହକି ....

୩ଟାରେ ପୁଲ୍-ସିର ନେଦରଲ୍ୟାଣ୍ଡ ବନାମ ମାଲେସିଆ, ଅପରାହ୍ନ ୫ଟାରେ ପୁଲ-ବି ବେଲଜିୟମ ବନାମ କୋରିଆ ଏବଂ ସନ୍ଧ୍ୟା ୭ଟାରେ ପୁଲ-ବିର ଜର୍ମାନୀ ବନାମ ଜାପାନ, ମୁକାବିଲା ହେବ । ବିଜୟରୁ ବିଶ୍ୱକପ୍ ଅଭିଯାନ ଆରମ୍ଭ କଲା ଟିମ୍ ଇଣ୍ଡିଆ । ରାଉରକେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ମ୍ୟାଚ୍ ଜିତିଲା ଭାରତୀୟ ହକି ଦଳ । ଆଜି ନିଜର ପ୍ରଥମ ମ୍ୟାଚରେ ସ୍ପେନକୁ ୨-୦ ଗୋଲରେ ହରାଇ ଭାରତୀୟ ହକି ଦଳ ନିଜର ବିଶ୍ୱକପ୍ ଅଭିଯାନ ଆରମ୍ଭ କରିଛି । ତେବେ ଖାଲି ସେତିକି ନୁହେଁ, ଓଡିଶା ମାଟିରେ ଓଡିଆ ପୁଅ ମଧ୍ୟ ଚମକିଛନ୍ତି । ଆଜି ପ୍ରଥମରୁ ହିଁ ସ୍ପେନ ବିରୋଧରେ ଆକ୍ରମଣ ଜାରି ରଖିଥିଲା ଟିମ୍ ଇଣ୍ଡିଆ । ପ୍ରଥମ କ୍ୱାର୍ଟରରେ ଦଳ ୧-୦ରେ ଆଗୁଆ ରହିଥିଲା । ଆଉ ଏହାପରେ ଦ୍ୱିତୀୟ କ୍ୱାର୍ଟରରେ ଦଳ ଆଉ ଗୋଟିଏ ଗୋଲ୍ କରିଥିଲା । ତେଣୁ ଦ୍ୱିତୀୟ କ୍ୱାର୍ଟର ସୁଦ୍ଧା ଟିମ୍ ଇଣ୍ଡିଆ ୨-୦ରେ ଆଗୁଆ ରହିଥିଲା । ହେଲେ ତୃତୀୟ ଓ ଚତୁର୍ଥ କ୍ୱାର୍ଟରରେ କୌଣସି ଦଳ ଗୋଲ କରିନଥିଲେ । ତେଣୁ ଶେଷକୁ ଟିମ୍ ଇଣ୍ଡିଆ ୨-୦ରେ ମ୍ୟାଚକୁ ଜିତିନେଇଥିଲା । ଭାରତ ପକ୍ଷରୁ ଓଡିଆ ପୁଅ ଅମିତ ରୋହିଦାସ ପ୍ରଥମ ଗୋଲ କରିଥିବାବେଳେ, ହାର୍ଦ୍ଦିକ ସିଂହ ଦ୍ୱିତୀୟ ଗୋଲ କରିଥିଲେ ।

କଂଗ୍ରେସର ହାତକୁ ହାତ ଯୋଡ କାର୍ଯ୍ୟକ୍ରମ

ଜଳେଶ୍ୱର, ୧୩/୧(ନି.ପ୍ର) : ରାହୁଲ ଗାନ୍ଧିଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଭାରତଯୋଡ କାର୍ଯ୍ୟକ୍ରମ ଏଣିକି ହାତକୁ ହାତ ଯୋଡ କାର୍ଯ୍ୟକ୍ରମରେ ପରିଣତ ହୋଇଛି । ପ୍ରତ୍ୟେକ ବ୍ୟକ୍ତିଙ୍କ ମଧ୍ୟରେ ସଂପର୍କ ସ୍ଥାପନ ଲାଗି ଆସନ୍ତା ୨୬ତାରିଖରୁ ଗାଁକୁ ଗାଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି । ନୂଆବଜାରସ୍ଥିତ ଶୋଭା କଲ୍ୟାଣ ମଣ୍ଡପରେ ଆୟୋଜିତ ବଂଧୁମିଳନ ଓ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେର ରାଜ୍ୟ ପ୍ରବକ୍ତା ସୂଦର୍ଶନ ଦାସ ପୌରହିତ୍ୟ କରିଥିଲେ । ଆସନ୍ତା ୨୬ ତାରିଖରୁ ମାର୍ଚ୍ଚ ୨୬ ତାରିଖ ମଧ୍ୟରେ ରହୁଲ ଗାନ୍ଧିଙ୍କ ଐତିହାସିକ ଭାରତଯୋଡ ଯାତ୍ରା ଏବେ ଜଳେଶ୍ୱରରେ ଗାଁକୁ ଗାଁ ଯୋଡ କାର୍ଯ୍ୟକ୍ରମରେ ପରିଣତ ହେବାକୁ ଯାଉଛି । ବଂଧୁତ୍ୱ, ଭାଇଚାରା ବୃଦ୍ଧି କରିବା ସହ ସାମ୍ପ୍ରତିକ ଦେଶ ଓ ରାଜ୍ୟରେ ଚାଲିଥିବା ଦୁର୍ନିତୀ ଭ୍ରଷ୍ଟାଚାର, କଳାକାରନାମା ସଂପର୍କକରେ ଲୋକଙ୍କୁ ସଚେତନ କରିବା ଏହାର ଉଦ୍ଦେଶ୍ୟ ବୋଲି କହିଥିଲେ । ଜିଲା ସଭାପତି ସଂଜିବ ଗିରି ଯୋଗ ଦେଇ ରାହୁଲ ଗାନ୍ଧିଙ୍କ ଯୁଗାନ୍ତକାରୀ ପଦକ୍ଷେପକୁ ବର୍ଣ୍ଣନା କରି କାଶ୍ମିରରୁ କନ୍ୟାକୁମାରୀ କଂଗ୍ରେସର ଏହି ଯାତ୍ରା ଦେଶରେ ଅନ୍ୟଏକ ବିପ୍ଳବ ଆଣିବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସଭାପତି ରାଜୀବ ପରିଡା, ଜିଲା ସାଧାରଣ ସଂପାଦକ ହେମନ୍ତ ଗିରି, ଉପସଭାନେତ୍ରୀ ଅଂଜଳି ପ୍ରଧାନ, କୃଷକମୋର୍ଚ୍ଚା ସଭାପତି ସୁଦାମ ପାତ୍ର, ବ୍ଲକ ଯୁବ କଂଗ୍ରେସ ସଭାପତି ଗୌରୀଶଂକର ଜେନା, ଛାତ୍ରକଂଗେସ ସଭାପତି ଜଗନ୍ନାଥ ମହାପାତ୍ର, ଜଗଦୀଶ ନନ୍ଦି, ପଦ୍ମଲୋଚନ ବେହେରା, ବିଭୁରେନ୍ଦ୍ର ଦେ, ଗୋତିକୃଷ୍ଣ ଦଳାଇ, ଚିତ୍ତରଂଜନ ପରିଡା, ସପନ କୁମାର ଜେନା, ଖଗେନ୍ଦ୍ର ସାମଲ, ଖଗେନ୍ଦ୍ର ଜେନା, ଶ୍ରୀକାନ୍ତ ସିଂ, ସୁରେଶ ମହାନ୍ତ, ଗୌରାଙ୍ଗ ମହାପାତ୍ର, ପ୍ରକାଶ ଗୋସ୍ୱାମୀ, ଆଶିଷ ଘୋଷ, ସୁଶାନ୍ତ ସେଠୀ, ନରେନ୍ଦ୍ର ପଟ୍ଟାୟତ, ଦିଲ୍ଲିପ ଦାସ, ବାଦଲ ମହାନ୍ତି, ନୟନ ପାଠୀ, ସୁଶାନ୍ତ ପ୍ରଧାନ, ତ୍ରିଲୋଚନ ନାୟକ, ସରୋଜ ଦାସ, ସନ୍ଦିପ ଜେନା, ମନୋଜ ପରିଡା, ପ୍ରଫୁଲ୍ଲ ପରିଡା, ଉତ୍ତମ ପାତ୍ର, ଲକ୍ଷ୍ମିକାନ୍ତ ଗିରି, ବାବି ନନା, ଗୋପାଳକୃଷ୍ଣ ଜେନା, ଉତ୍ତମ ଦାସ, ପ୍ରାଣକୃଷ୍ଣ ପଣ୍ଡା ପ୍ରମୁଖ ବହୁ ବ୍ୟକ୍ତି ବକ୍ତବ୍ୟ ପ୍ରଦାନ କରିଥିଲେ ।

ଶିମିଳିପାଳରୁ ଶୀକାରୀ ଗିରଫ, ବନ୍ଧୁକ ଜବଦ

ବାରିପଦା,୧୩/୦୧ (ନି.ପ୍ର): ଶିମିଳିପାଳକୁ ଶୀକାର ମୁକ୍ତ ଅଂଚଳ ଘୋଷଣା କରାଯାଇଥିଲେ ମଧ୍ୟ ଶୀକାର ଥମିବାର ନାମ ଧରୁନି । ବିଭିନ୍ନ ସମୟରେ ବାଘ ଚମଡା, ହାତିଦାନ୍ତ, ବଜ୍ରକାପ୍ତା ଇତ୍ୟାଦି ଜବଦ ହେଉଥିବା ବେଳେ, ଶୀକାରୀ ମଧ୍ୟ ଧରାପଡୁଛନ୍ତି । ନିକଟ ଅତୀତରେ ଶିମିଳିପାଳ ହାତୀଶୀକାର ଏବଂ ପ୍ରମାଣ ନଷ୍ଟ ପାଇଁ ହାତୀର ଶବକୁ ପୋଡି ଦେଇଥିବା ଘଟଣାକୁ ନେଇ ଶିମିଳିପାଳ ଚର୍ଚ୍ଚାରେ ରହିଥିବା ବେଳେ, ବୁଧବାର ରାତିରେ ଡୁକୁରା ରେଂଜର ପେଟ୍ରୋଲିଂ କରୁଥିବା ସମୟରେ ଶିମିଳିପାଳ ଦକ୍ଷିଣ ବନ୍ୟପ୍ରାଣୀ ବିଭାଗ ଖଣ୍ଡାଚିରା ଗାଁର ପାରାନ ସୋରେନ ନାମକ ଜଣେ ବ୍ୟକ୍ତି ଶୀକାର ଉଦ୍ଦେଶ୍ୟରେ ଦେଶୀବନ୍ଧୁକ ଧରି ଯାଉଥିବା ବେଳେ ବନ କର୍ମଚାରୀଙ୍କ ହାବୁଡରେ ପଡିଯିବାରୁ ବନ କର୍ମଚାରୀଙ୍କ ଉପରେ ଗୁଳିଚାଳନା କରିବାକୁ ପଛାଇ ନାହିଁ । ତେବେ ବନକର୍ମଚାରୀ ଜଣକ ତାଲିମପ୍ରାପ୍ତ ହୋଇଥିବାରୁ ଉପସ୍ଥିତ ବୁଦ୍ଧି ଖଟାଇ ବର୍ତି ଯାଇଥିଲେ । ଶୀକାରୀ ଜଣକ ଫେରାର ହୋଇଯିବାକୁ ଚେଷ୍ଟା କରୁଥିବା ବେଳେ, ତାଙ୍କୁ ବନକର୍ମଚାରୀ ମାନେ ଗିରଫ କରି ତାଙ୍କଠାରୁ ବନ୍ଧୁକ ଜବତ କରିଥିବାର ଜଣାଯାଇଛି । ଆଜି ଅଭିଯୁକ୍ତକୁ ଉଦଳା କୋର୍ଟ ଚାଲାଣ କରାଯାଇଥିବାର ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପନିର୍ଦ୍ଦେଶକ ସମ୍ରାଟ ଗୌଡା ସୂଚନା ଦେଇଛନ୍ତି । ତେବେ ଗତକାଲି ସଂଧ୍ୟାରୁ ଘଟଣା ଘଟିଥିଲେ ମଧ୍ୟ ତାକୁ ଅଟକ ରଖି ବିଭାଗ ପକ୍ଷରୁ ପଚରା ଉଚରା କରାଯାଉଥିଲା ବୋଲି ଜଣାଯାଇଛି ।

ମାଇଁ ଚାଇଲ୍ଡ ପ୍ଲେ ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବ

ନୀଳଗିରି,୧୩/୦୧ (ନି.ପ୍ର): ନୀଳଗିରିସ୍ଥିତ ମାଇଁ ଚାଇଲ୍ଡ ପ୍ଲେ ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳନ କରାଯାଇଥିବା ବେଳେ ମୁଖ୍ୟ ଅତିଥି ଭାବେ ନୀଳଗିରି ଏସ.ଡି.ପି.ଓ. ରୀତେଶ କୁମାର ମହାପାତ୍ର ଯୋଗ ଦେଇ ଛୋଟ ଛୋଟ ପିଲାମାନଙ୍କ ଭିତରେ ଥିବା ଲୁକାୟିତ ଗୁଣକୁ ପରିପ୍ରକାଶ କରିବାର ଦାୟିତ୍ୱ ମାଆ ବାପାଙ୍କର ବୋଲି ନିଜ ବକ୍ତବ୍ୟରେ ଶାଣିତ କରିଥିଲେ । ମୁଖ୍ୟ ବକ୍ତା ଭାବେ

ଶନିବାର, ଜାନୁଆରୀ ୧୪, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

୨୪ରୁ ଆଇଟିଆଇ ପଡ଼ିଆରେ 'ଏକ୍ସପୋ ଓଡ଼ିଶା'

ବାଲେଶ୍ୱର,୧୩/୦୧ (ନି.ପ୍ର): ବାଲେଶ୍ୱର ଶିଳ୍ପ ଓ ବାଣିଜ୍ୟ ସଂଘ (ବିସିଆଇସି) ଓ ଜିଲା କ୍ଷୁଦ୍ର ଶିଳ୍ପ ସଂଘର ମିଳିତ ଆନୁକୂଲ୍ୟରେ ଆସନ୍ତା ୨୪ରୁ ୨୯ ତାରିଖ ପର୍ଯ୍ୟନ୍ତ ଆଇଟିଆଇ ପଡ଼ିଆରେ ହେବାକୁ ଥିବା ଜାତୀୟ ସ୍ତରର ଶିଳ୍ପ ଭିତ୍ତିକ ମେଳା 'ଏକ୍ସପୋ ଓଡ଼ିଶା-୨୦୨୩' ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି। ଏଥିରେ ଓଡ଼ିଶା ସମେତ ରାଜ୍ୟ ବାହାରୁ ବହୁ ଶିଳ୍ପ ଓ ବାଣିଜ୍ୟ ସଂସ୍ଥା, ଶିକ୍ଷାନୁଷ୍ଠାନ, କୁଟୀର ଶିଳ୍ପ, ଅଟୋମୋବାଇଲ ସଂସ୍ଥା, ହୋଟେଲ ଶିଳ୍ପ ନିଜ ନିଜର ଉତ୍ପାଦ ପ୍ରଦର୍ଶନ କରିବେ ବୋଲି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦୁଇ ଶିଳ୍ପ ସଂଗଠନ କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ସ୍ଥାନୀୟ ଉଦ୍ୟୋଗ ଭବନରେ ଶୁକ୍ରବାର ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ବିସିଆଇସିର ସଭାପତି ଯୁବ ଶିଳ୍ପୋଦ୍ୟୋଗୀ ସଂଜୟ ଦାସ, ଜିଲା କ୍ଷୁଦ୍ରଶିଳ୍ପ ସଂଘ ସଭାପତି ବିବେକ ବାଜପେୟୀ, ବିସିଆଇସିର ଟ୍ରେଡ ସମ୍ପାଦକ ତଥା ଏକ୍ସପୋ ଓଡ଼ିଶାର ମିଡିଆ ସଂଯୋଜକ ଶିବୁ ପୋଦାର ପ୍ରମୁଖ ଯୋଗଦେଇ ୬ ଦିନିଆ 'ଏକ୍ସପୋ ଓଡ଼ିଶା'ର ରୂପରେଖ ସମ୍ପର୍କରେ ଅବଗତ କରିଥିଲେ। ଏହି ଜାତୀୟ ସ୍ତରୀୟ ଶିଳ୍ପ ମେଳାରେ ୬୦୦ରୁ ଅଧିକ ଷ୍ଟଲ ସ୍ଥାପନର ଆବଶ୍ୟକତା ଥିଲେ ବି ଆଇଟିଆଇ ପଡ଼ିଆର କ୍ଷମତାକୁ ଦୃଷ୍ଟିରେ ରଖି ୩୦୦/୩୫୦ ଷ୍ଟଲ ସ୍ଥାପନ ପାଇଁ ନିଷ୍ପତ୍ତି ନିଆଯାଇଥିବା ସେମାନେ କହିଛନ୍ତି। ସରକାରଙ୍କ ବିନା ସହଯୋଗରେ ଆୟୋଜିତ ହେବାକୁ ଯାଉଥିବା ଏହି ମେଳାରେ ଶିଳ୍ପ, ବାଣିଜ୍ୟ, ଶିକ୍ଷାନୁଷ୍ଠାନ, ହୋଟେଲ, ଅଟୋମୋବାଇଲ୍ସ ଓ ସ୍ୱୟଂ ସହାୟକ ଗୋଷ୍ଠୀମାନେ ନିଜ ନିଜର ଉତ୍ପାଦ ପ୍ରଦର୍ଶନ କରିବେ। ତେବେ ସାମ୍ପ୍ରତିକ ସ୍ଥିତିରେ ପରିବେଶ ପ୍ରଦୂଷଣକୁ ଦୃଷ୍ଟିରେ ରଖି ଇ-ବାଇକ ପ୍ରମୋଟ ପାଇଁ ସଂଗଠନ ପକ୍ଷରୁ ବିଶେଷ ଗୁରୁତ୍ୱ ଦିଆଯାଉଥିବା କର୍ମକର୍ତ୍ତାମାନେ କହିଛନ୍ତି। ଏନେଇ ବିଭିନ୍ନ କମ୍ପାନୀର ଇ-ବାଇକ ଷ୍ଟଲମାନଙ୍କରେ ପ୍ରଦର୍ଶନ କରାଯିବ। ପ୍ରତି ସଂଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ଥାନୀୟ କଳା, ସଙ୍ଗୀତ ଓ ନୃତ୍ୟ କଳାକାରଙ୍କ ସମେତ ରାଜ୍ୟ ତଥା ରାଜ୍ୟ ବାହାରର ଖ୍ୟାତନାମା କଳାକାରମାନେ ଦର୍ଶକଙ୍କ ମନୋରଂଜନ କରିବେ।

ଗୁରୁକୁଳ ଶିକ୍ଷା ପଦ୍ଧତି ହିଁ ଉପଯୁକ୍ତ ସଂସ୍କାର ଆଣିପାରେ

କୁରୁଡ଼ା,୧୩/୦୧ (ନି.ପ୍ର): ବିବେକାନନ୍ଦ ଶିକ୍ଷା କେନ୍ଦ୍ର ର ଅଷ୍ଟଦଶ ବାର୍ଷିକ ଉତ୍ସବ ଅନୁଷ୍ଠାନ ର ସଭାପତି ଶରତ ଚନ୍ଦ୍ର ଜେନା ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ରେମୁଣା ବ୍ଲକ ଚେୟାରମ୍ୟାନ ରାଜେନ୍ଦ୍ର ରାଉତ ଯୋଗ ଦେଇ ଭାରତୀୟ ପୁରାତନ ଗୁରୁକୁଳ ଶିକ୍ଷା ପଦ୍ଧତି ହିଁ ପିଲାମାନଙ୍କ ଭିତରେ ଉପଯୁକ୍ତ ସଂସ୍କାର ଆଣିଦେଇ ଥାଏ। ମୁଖ୍ୟ ବକ୍ତା ଭାବେ ଉତ୍କଳ ଶିକ୍ଷା ପରିଷଦ, ଓଡିଶା, ଭୁବନେଶ୍ୱର ର ସାଧାରଣ ସମ୍ପାଦକ ଯୋଗେନ୍ଦ୍ର ଦାଶ ଯୋଗ ଦେଇ ବିବେକାନନ୍ଦ ଶିକ୍ଷା ପଦ୍ଧତି ଓ ଆବଶ୍ୟକତା ବିଷୟରେ କହିଥିଲେ ସମ୍ମାନ୍ୱିତ ଅତିଥି ଭାବେ ନିଶ ନିବାରଣ କେନ୍ଦ୍ର ଓ ନ୍ୟୁ ଲାଇଫ ର ନିର୍ଦ୍ଦେଶକ ବିକ୍ରମ କେଶରୀ ଦାସ, ଶିକ୍ଷାବିତ ଭାସ୍କର ଚନ୍ଦ୍ର ପଣ୍ଡା ପ୍ରମୁଖ ନିଜ ନିଜ ର ବକ୍ତାହ୍ୟ ରଖିଥିଲେ। ଅନୁଷ୍ଠାନ ର ସମ୍ପାଦକ ବସନ୍ତ ଦାସ ସ୍ୱାଗତ ଭାଷଣ ସହ ଅତିଥି ମାନଙ୍କ ର ପରିଚୟ ପ୍ରଦାନ କରିଥିବା ବେଳେ ସଦସ୍ୟ ଗଜେନ୍ଦ୍ର ଚଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଦେବେନ୍ଦ୍ର ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ ଅନୁଷ୍ଠାନ ର ଛାତ୍ରୀ ଦୀପିକା ପ୍ରିୟ ଦର୍ଶନୀ ଚଣ୍ଡ, ତୃପ୍ତି ମହାପାତ୍ର ଙ୍କୁ ସର୍ବ ଶ୍ରେଷ୍ଠ ଗୁଣ ସମ୍ପନ ଛାତ୍ରୀ ଭାବେ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ବିଭିନ୍ନ ବିଭାଗରେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଶେଷରେ ପିଲାମାନଙ୍କ ଦ୍ୱାରା ନାଟକ ଭକ୍ତର ଭଗବାନ ସହ ଗୀତ, ନାଚ, ଅଭିନୟ, କରିଥିଲେ।

କଟକରେ ମାଂଜା ସୂତା ବ୍ୟାନ୍

ଭୁବନେଶ୍ୱର,୧୩/୦୧ (ନି.ପ୍ର): କଟକରେ ନାଇଲନ୍ ଓ ମାଞ୍ଜା ସୁତାରେ ଗୁଡ଼ି ଉଡ଼ାଇବା ଉପରେ କଟକଣା ଲାଗିଛି। କଟକରେ ନାଇଲନ୍ ଓ ମାଞ୍ଜା ସୂତା ପ୍ରସ୍ତୁତି, ବିକ୍ରି, ଗଚ୍ଛିତ ରଖିବା ଓ ଉଡ଼ାଇବା ପରେ କଟକଣା ଲଗାଇଛନ୍ତି ଜିଲ୍ଲାପାଳ। ଏନେଇ ଶୁକ୍ରବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ନିର୍ଦ୍ଦେଶନାମା ଜାରି କରାଯାଇଛି। ପଶୁ, ପକ୍ଷୀ ଓ ମଣିଷଙ୍କ ଜୀବନ ସୁରକ୍ଷିତ ରଖିବାକୁ ଏହି ନିଷ୍ପତି ନିଆଯାଇଛି।

ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଜୟନ୍ତୀରେ କେନ୍ଦ୍ର ମନ୍ତ୍ରୀଙ୍କ ଶ୍ରଦ୍ଧାଂଜଳି

ଭୁବନେଶ୍ୱର,୧୩/୦୧ (ନି.ପ୍ର): କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ – ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ ପୁରୋଧା ରାଜା ବାହାଦୁର ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଜୟନ୍ତୀ ଅବସରରେ ବିନମ୍ର ଶ୍ରଦ୍ଧାଞ୍ଜଳି ।

ବାଲେଶ୍ୱର ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଉଦଘାଟିତ

ବାଲେଶ୍ୱର,୧୩/୦୧ (ନି.ପ୍ର): ଜିଲା ପ୍ରଶାସନ ପକ୍ଷରୁ ଆଇଟିଆଇ ପଡ଼ିଆରେ ଆୟୋଜିତ ବାଲେଶ୍ୱର ମହୋତ୍ସବ 'କୋଶମ୍ବ' ଏବଂ ପଲ୍ଲିଶ୍ରୀ ମେଳା ଶୁକ୍ରବାର ସଂଧ୍ୟାରେ ଉଦଘାଟିତ ହୋଇଯାଇଛି। ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଭୋଗରାଇ ବିଧାୟକ ଅନନ୍ତ ଦାସ ଓ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ମିଳିତ ଭାବେ ଏହି ମହୋତ୍ସବକୁ ଉଦଘାଟନ କରିଥିଲେ। ଏହି ମହୋତ୍ସବ ବାଲେଶ୍ୱର ଜିଲା ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବେଳେ ମହିଳା ସଶକ୍ତୀକରଣକୁ ଆଗକୁ ନେବାରେ ବେଶ ସହାୟକ ହୋଇଛି ବୋଲି ଦୁଇ ବିଧାୟକ ମତ ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ଏହି ମହୋତ୍ସବ ବିଭିନ୍ନ ଲୋକାଭିମୁଖୀ ସରକାରୀ ଯୋଜନାର ପ୍ରଚାର ପ୍ରାସରର ମାଧ୍ୟମ ହୋଇଛି ବୋଲି ସେମାନେ କହିଥିଲେ। ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ଓ ସୁଚାରୁ ବଳ (ରାଜସ୍ୱ), ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ରବୀନ୍ଦ୍ର କୁମାର ସାହୁ ଏଥିରେ ମଞ୍ଚାସୀନ ହୋଇ ମେଳା ଆୟୋଜନର ଆଭିମୁଖ୍ୟ ଓ ଏହାର ସୁଦୂରପ୍ରସାରୀ ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ବାଲେଶ୍ୱର ଉପ-ଜିଲାପାଳ କୁନାଲ ଚହ୍ୱାନ ମୋତିରାମ ଏଥିରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଜିଲା ପରିଷଦ ଉପ-ନିର୍ବାହୀ ଅଧିକାରୀ (ଓରମାସ) ଜିତେନ୍ଦ୍ର କୁମାର ବିଶ୍ୱାଳ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଦୁଇ ବିଧାୟକଙ୍କ ସମେତ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ସୁଜାତା ମହାପାତ୍ର ଓ ଟାଟା ଫ୍ୟାରୋ ଆଲୋୟେଜର ଶ୍ୟାମସୁନ୍ଦର ଗୁପ୍ତାଙ୍କୁ ମହୋତ୍ସବ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାପରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପର ଚମକପଦ ନୃତ୍ୟ ସାଙ୍ଗକୁ ଦୀପ୍ତିରେଖା ପାଢ଼ୀ ଓ ଶଶାଙ୍କ ଶେଖରଙ୍କ ସୁଲଳିତ କଣ୍ଠର ଯାଦୁ ଦୀର୍ଘ ସମୟ ଧରି ଦର୍ଶକଙ୍କୁ ବାନ୍ଧି ରଖିଥିଲା। ସଭାକାର୍ଯ୍ୟ ପୂର୍ବରୁ ଜିଲାପାଳ ଓ ଅନ୍ୟାନ୍ୟ ଅଧିକାରୀମାନେ ମେଳାର ବିଭିନ୍ନ ବିଭାଗର ଷ୍ଟଲକୁ ଉଦଘାଟନ କରିଥିଲେ। ପଲିଶ୍ରୀ ମେଳାରେ ମୋଟ ୨୫୦ଟି ଷ୍ଟଲ ସ୍ଥାପନ କରାଯାଇଛି। ଏଥିରେ ୧୫୦ଟିରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ଓ ହସ୍ତଶିଳ୍ପ ଉତ୍ପାଦ ପ୍ରଦର୍ଶିତ ହେଉଥିବା ବେଳେ ୬୦ ଟି ଷ୍ଟଲରେ ଶିଳ୍ପାନୁଷ୍ଠାନ, ଅଟୋମୋବାଇଲ୍ସ ଓ ଲାଇନ ଡିପାର୍ଟମେଣ୍ଟ ଏବଂ ୪୦ଟିରେ କୃଷି ବିଭାଗର ଉତ୍ପାଦ ପ୍ରଦର୍ଶିତ ହେଉଛି। ଏହି ମହୋତ୍ସବ ଓ ମେଳା ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ଶୁଭେଚ୍ଛା ଓ ଅଭିନନ୍ଦନ

ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ଓଡ଼ିଶାର ସମସ୍ତ ଭାଇଭଉଣୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ପ୍ରିୟନାଥ ପାଣି

ବିଶିଷ୍ଟ କବି, ମୟୂରଭଞ୍ଜ

ଶୁଭେଚ୍ଛା ଓ ଅଭିନନ୍ଦନ

ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ଓଡ଼ିଶାର ସମସ୍ତ ଭାଇଭଉଣୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ହେମେନ୍ଦ୍ର ମହାପାତ୍ର

ବିଶିଷ୍ଟ ନାଟ୍ୟକାର, ବାଲେଶ୍ୱର

ଶୁଭେଚ୍ଛା ଓ ଅଭିନନ୍ଦନ

ପବିତ୍ର ମକର ସଂକ୍ରାନ୍ତି ଏବଂ ମା କ୍ଷେତ୍ରବାସୀ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ।

କୃଷ୍ଣ ଚନ୍ଦ୍ର ବେହେରା

ସମାଜସେବା ଓ ଯାଦବ ସଂଘର ନେତୃତ୍ୱ ବୃନ୍ଦ, ଚୁନିଦା

ଶୁଭେଚ୍ଛା ଓ ଅଭିନନ୍ଦନ

ପବିତ୍ର ମକର ସଂକ୍ରାନ୍ତି ଅବସରରେ ଓଡ଼ିଶାର ସମସ୍ତ ଭାଇଭଉଣୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ସତ୍ୟଭାମା ମୁଦୁଲି

କବୀ, ବାଲେଶ୍ୱର

ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ଶୁଭେଚ୍ଛା

ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ଓଡ଼ିଶାର ସମସ୍ତ ଭାଇଭଉଣୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ସାଇଲକ୍ଷ୍ମୀ ଇଲେକ୍ଟ୍ରିକାଲ ଓ ହାର୍ଡୱାର, (ଭଦ୍ରକ)

ପ୍ରୋ.- ସଂଗ୍ରାମ କୁମାର ପଲାଇ

ଶୁଭେଚ୍ଛା ଓ ଅଭିନନ୍ଦନ

ପବିତ୍ର ମକର ସଂକ୍ରାନ୍ତି ଅବସରରେ ଓଡ଼ିଶାର ସମସ୍ତ ଭାଇଭଉଣୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ସୁବଳ ଚନ୍ଦ୍ର ଦାସ

ବିଶିଷ୍ଟ ସାମ୍ବାଦିକ, ସମ୍ବାଦ, ବାଲେଶ୍ୱର

ଶୁଭେଚ୍ଛା ଓ ଅଭିନନ୍ଦନ

ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ଓଡ଼ିଶାର ସମସ୍ତ ଭାଇଭଉଣୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ପୂର୍ଣ୍ଣଚନ୍ଦ୍ର ସେଠୀ

ଶିଶୁ ସାହିତ୍ୟିକ, ବାଲେଶ୍ୱର

ଶୁଭେଚ୍ଛା ଓ ଅଭିନନ୍ଦନ

ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ଓଡ଼ିଶାର ସମସ୍ତ ଭାଇଭଉଣୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ମଧୁସୂଦନ ସିଂ

ଆସିଷ୍ଟାଣ୍ଟ ଇଞ୍ଜିନିୟର୍

ଭଦ୍ରକ ଜନସ୍ୱାସ୍ଥ୍ୟ ବିଭାଗ (ଭଦ୍ରକ)

ଶୁଭେଚ୍ଛା ଓ ଅଭିନନ୍ଦନ

ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ଓଡ଼ିଶାର ସମସ୍ତ ଭାଇଭଉଣୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ଶାନ୍ତନୁ କୁମାର ପଟ୍ଟନାୟକ

ବିଶିଷ୍ଟ ସାହିତ୍ୟିକ, ବାଲେଶ୍ୱର

ଶୁଭେଚ୍ଛା ଓ ଅଭିନନ୍ଦନ

ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ଓଡ଼ିଶାର ସମସ୍ତ ଭାଇଭଉଣୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ପୀତାମ୍ବର ଦାସ

କବି ଓ ଶିଶୁ ସାହିତ୍ୟିକ, ବାଲେଶ୍ୱର

ପବିତ୍ର ମକର ସଂକ୍ରାନ୍ତି ଓ ପଙ୍ଗଲ ପାଇଁ ଶୁଭେଚ୍ଛା

ପବିତ୍ର ମକର ସଂକ୍ରାନ୍ତି ଓ ପଙ୍ଗଲ ପାଇଁ ଓଡ଼ିଶାର ସମସ୍ତ ଭାଇଭଉଣୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ମଙ୍ଗରାଜ ଟ୍ରେଡିଙ୍ଗ ଏଣ୍ଡକୋ

ପ୍ରୋ. -ବିଶ୍ୱଜିତ୍ ପଲାଇ (ପାଳିଆ)

ଶୁଭେଚ୍ଛା ଓ ଅଭିନନ୍ଦନ

ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ଓଡ଼ିଶାର ସମସ୍ତ ଭାଇଭଉଣୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ପ୍ରତିମା ଜେନା

ବିଶିଷ୍ଟ ସାମ୍ବାଦିକ, ଲଙ୍ଗଳେଶ୍ୱର

ଶୁଭେଚ୍ଛା ଓ ଅଭିନନ୍ଦନ

ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ଓଡ଼ିଶାର ସମସ୍ତ ଭାଇଭଉଣୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ରବିନ୍ଦ୍ର ବିଶ୍ୱାଳ

ସୁସାହିତ୍ୟିକ, ବାଲେଶ୍ୱର

ପବିତ୍ର ମକର ସଂକ୍ରାନ୍ତି ଓ ପଙ୍ଗଲ ଉପଲକ୍ଷେ ଶୁଭେଚ୍ଛା

ପବିତ୍ର ମକର ସଂକ୍ରାନ୍ତି ଓ ପଙ୍ଗଲ ଉପଲକ୍ଷେ ଓଡ଼ିଶାର ସମସ୍ତ ଭାଇଭଉଣୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ଜୀବନଜ୍ୟୋତି ପଲାଇ

(ସମିତି ସଭ୍ୟ)

ନୀଳାଚଳ ଫର୍ଣ୍ଣିଚର

(ପାଳିଆ ବିନ୍ଧା)

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo